

# ଭୁବନେଶ୍ୱର ସିଟି

## ଜେଲ୍ ବିଭାଗରେ ଯୋଡ଼ିହେବ ପ୍ରିଜନ୍ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍

# ଆପ୍‌ରେ ରହିବ କଏଦୀଙ୍କର ଅପରାଧ କୁଣ୍ଡଳୀ

ଭୁବନେଶ୍ୱର, ୭।୬(ସମିସ)

ଅନ୍ୟ ବଡ଼ ବଡ଼ ଦେଶରେ ପ୍ରିଜନ୍ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍ (ଜେଲ୍ ପରିଚାଳନା ବ୍ୟବସ୍ଥା) ଭଳି ଓଡ଼ିଶାର ବିଭିନ୍ନ ଜେଲ୍‌ରେ କରାଯିବ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୨ଟି ସମ୍ବେଦନଶୀଳ ଜେଲ୍‌ରେ ଏହି ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି। ରାଜ୍ୟ ସରକାର ଜେଲ୍ ଆଧୁନିକୀକରଣ ଉପରେ ଗୁରୁତ୍ୱ ଦେଉଥିବାରୁ ନୂଆନୂଆ ଟେକ୍ନୋଲୋଜି ଜେଲ୍ ବ୍ୟବସ୍ଥାରେ ଲାଗୁ କରୁଛନ୍ତି। ପୂର୍ବରୁ କଏଦୀଙ୍କ ଗୋଡ଼ରେ ଜିପିଏସ୍ ଲାଗିବା ବ୍ୟବସ୍ଥା କରାଯିବାକୁ ଯୋଜନା କରାଯାଇଥିବା ବେଳେ ବର୍ତ୍ତମାନ ଆଉ ଏକ ନୂଆ ଟେକ୍ନୋଲୋଜି ଯୋଡ଼ି ହେବାକୁ ଯାଉଛି।

ଏହି ବ୍ୟବସ୍ଥା କହିଲେ ଜେଲ୍‌ରେ ଏକ ସଫ୍ଟୱେର ଆପ୍ଲିକେସନ୍ ଦ୍ୱାରା କାର୍ଯ୍ୟକାରୀ ହେବ। ପୁଲିସ ବିଭାଗର ସିସିଟିଏନ୍‌ଏସ୍ ପରି ଜେଲ୍ ବିଭାଗର ପ୍ରିଜନ୍ ମ୍ୟାନେଜମେଣ୍ଟ ସିଷ୍ଟମରେ କଏଦୀଙ୍କ ସମସ୍ତ କୁଣ୍ଡଳୀ

**ଏହାର ନିରୀକ୍ଷଣ କରିବେ ବରିଷ୍ଠ ଅଧିକାରୀ**

**ରହିବ ଜେଲ୍‌ରେ କାର୍ଯ୍ୟରତ ଗାର୍ଡମାନଙ୍କ ତଥ୍ୟ**

**ପ୍ରଥମ ପର୍ଯ୍ୟାୟରେ ୧୨ ଜେଲ୍‌ରେ ହେବ କାର୍ଯ୍ୟକାରୀ**

ରହିବ। ଏଥିରେ ମୁଖ୍ୟତଃ ଜେଲ୍‌ରେ ରହୁଥିବା କଏଦୀଙ୍କ ସମ୍ପର୍କରେ ସମସ୍ତ ତଥ୍ୟ ଏବଂ ଜେଲ୍‌ରେ କାର୍ଯ୍ୟ କରୁଥିବା ୱାର୍ଡରମାନଙ୍କ ତଥ୍ୟ ମଧ୍ୟ ରହିବ। ଫଳରେ ଭୁଲବଶତଃ କୌଣସି କଏଦୀ ସମାନ ନାମ ଥିଲେ ମଧ୍ୟ ଖସିପାରିବେ ନାହିଁ। ଗତବର୍ଷ ତଳେ ଝାରପଡ଼ା ଜେଲ୍‌ରେ ସମାନ ନାମ ଥିବା ଅନ୍ୟଜଣେ ବ୍ୟକ୍ତି ଜାମିନ୍ ପାଇଥିଲେ। ପ୍ରକୃତ ଜାମିନ ପାଇଥିବା ବ୍ୟକ୍ତି ମୁକୁଳିପାରି ନ ଥିଲେ। କିନ୍ତୁ ଏହି ବ୍ୟବସ୍ଥା ଲାଗୁ ହେବା ପରେ ଏଭଳି ତ୍ରୁଟି ଆଉ ହେବ ନାହିଁ। ଏହି ଆପ୍ଲିକେସନ୍ କେବଳ ଜେଲ୍‌ର ଖୋଲିପାରିବେ। ତାଙ୍କୁ ଏକ ଆଇଡି ଏବଂ ପାସ୍‌ୱାର୍ଡ ଦିଆଯିବ। ସେ ଏହାକୁ ଲଗ୍‌ଇନ୍ କରି ଖୋଲି ସମସ୍ତ ତଥ୍ୟ ଦେଖିପାରିବେ ଏବଂ ଯୋଡ଼ି ପାରିବେ। ଆହୁରି ମଧ୍ୟ ଜେଲ୍‌ରେ କଏଦୀଙ୍କ ନାମ, ଠିକଣା, ତାଙ୍କର ଅପରାଧ, ସଜା ସମ୍ପର୍କରେ ତଥ୍ୟ ଯୋଡ଼ି ପାରିବେ। ଫଳରେ କୌଣସି କଏଦୀଙ୍କ ବିଷୟରେ ନୂଆ ଜେଲ୍‌ର କିମ୍ବା ଉଚ୍ଚ ଅଧିକାରୀ ଜାଣିବାକୁ ଚାହିଁଲେ ଆଇଡି ଲଗ୍‌ଇନ୍ କରି ସହଜରେ ଜାଣିପାରିବେ। ଆହୁରି ମଧ୍ୟ ଏଥିରେ ଜେଲ୍‌ର ୱାର୍ଡରମାନଙ୍କ ଡ୍ୟୁଟି ସିଫ୍ଟ ମଧ୍ୟ ଲେଖିପାରିବେ। ଯଦି କୌଣସି ୱାର୍ଡରଙ୍କ ନାମରେ ଅଭିଯୋଗ ଆସେ ତାହା ମଧ୍ୟ ଏଥିରେ ଅପ୍‌ଡେଟ୍ କରିପାରିବେ। ୱାର୍ଡର କେତେ ବର୍ଷ ନିର୍ଦ୍ଦିଷ୍ଟ ଜେଲରେ ରହିବେ, ଏବଂ କେଉଁ ଜେଲ୍‌କୁ ଗଲେ ତାହା ଏଥିରେ ତଥ୍ୟ ରହିବ। ଯଦି କୌଣସି କଏଦୀଙ୍କ ନାମରେ ଏଫ୍‌ଆଇଆର୍ କରିବାକୁ ଚାହିଁଲେ ଏହି ବ୍ୟବସ୍ଥାରେ ଜେଲ୍‌ର କରିପାରିବେ। ଜେଲ୍‌ର ଠିକ୍ ଢଙ୍ଗରେ ଏହାକୁ ଅପ୍‌ଡେଟ୍ କରୁଛନ୍ତି କି ନାହିଁ ତାହାକୁ ଉଚ୍ଚ ଅଧିକାରୀ ନିରୀକ୍ଷଣ କରିବେ। ତାଙ୍କ ପାଖରେ ମଧ୍ୟ ଆଉ ଏକ ଆଇଡି ଏବଂ ପାସ୍‌ୱାର୍ଡ ରହିବ। କୌଣସି କଏଦୀଙ୍କ ଦଣ୍ଡ ଶେଷ ହେବା ପରେ ସେ ଜେଲ୍‌ରୁ ମୁକ୍ତି ହୋଇ ବାହାରକୁ ଗଲେ ତାହା ମଧ୍ୟ ଉଲ୍ଲେଖ ରହିବ। କେବଳ ଜେଲ୍‌କୁ ଆସିଥିଲେ, ଆଉ କେବେ ଜେଲରୁ ଗଲେ ସବୁ କିଛି ଉଲ୍ଲେଖ ରହିବ। କେଉଁମାନେ ପେଶାଦାର ଅପରାଧୀ, ଗ୍ୟାଙ୍ଗଷ୍ଟାର, ଠକ ସମସ୍ତଙ୍କର ପୃଥକ ତାଲିକା ହେବ। ଆହୁରି ମଧ୍ୟ କିଏ ପାରୋଲ୍‌ରେ ଗଲା ଆଉ ଆସିଲା ତାହା ବି ଏଥିରେ ରହିବ। ଏହି ବ୍ୟବସ୍ଥାରେ ବହୁ ସଂଖ୍ୟକ ରେକର୍ଡ ରଖିବାର କ୍ଷମତା ରହିଛି। ଯାହାକି ଡିଲିଟ୍ ହୋଇପାରିବ ନାହିଁ। ଏହାଦ୍ୱାରା କାଗଜଖର୍ଚ୍ଚ ମଧ୍ୟ ରହିବ। ପୂର୍ବରୁ ମଧ୍ୟ ଅନେକ ଫାଇଲ୍ ହଜିଯିବା ସହ ଚୋରି ହେବାର ଆଶଙ୍କା ରହିବ ନାହିଁ।

## ପୁଲିସ ଅଧିକାରୀ କହି ଠକୁଛନ୍ତି ସାଇବର୍ ଠକ

ଭୁବନେଶ୍ୱର, ୭।୬(ସମିସ): ନିଜକୁ ପୁଲିସ ଅଧିକାରୀ କହି ସାଇବର୍ ଠକ ଲୋକଙ୍କୁ ଧମକ ଦେଇ ଟଙ୍କା ଲୁଟୁଛନ୍ତି। ଏଭଳି ଠକେଇ ରାଜଧାନୀରେ କ୍ରମେ ବଢ଼ିବା ପରେ ଏନେଇ କମିସନରେଟ୍ ପୁଲିସ ପକ୍ଷରୁ ସଚେତନ କରାଯାଇଛି। ଅଜଣା ନମ୍ବରରୁ ଫୋନ୍ କରି ମାମଲା ରୁଜୁର ଧମକ ଦେଉଥିବା ବ୍ୟକ୍ତିଙ୍କୁ ବିଶ୍ୱାସକୁ ନ ନେବାକୁ କହିଛି ପୁଲିସ। ଫୋନ୍ ଆସୁଥିବା ନମ୍ବର ସମ୍ପର୍କରେ 'ଚକ୍ଷୁ' ପୋର୍ଟାଲରେ ଅଭିଯୋଗ କରିବାକୁ କମିସନରେଟ୍ ପୁଲିସ ପକ୍ଷରୁ କୁହାଯାଇଛି। ଗତ ସୋମବାର ଏକ ଅଜଣା ନମ୍ବରରୁ ମହିଳାଙ୍କୁ ଫୋନ୍ କଲ୍ ଆସିଥିଲା। କଲ୍ କରିଥିବା ବ୍ୟକ୍ତି ଟେଲିଫୋନ୍ ରେଗୁଲେଟୋରୀ ଅଥରିଟି ଅଫ୍ ଇଣ୍ଡିଆ (ଟିଆରଏଆଇ)ରୁ ଫୋନ୍ କରିଥିବା କହିଥିଲେ। ପୁଲିସ ମାମଲା ହେତୁ ତୁମ ନମ୍ବର ବନ୍ଦ କରାଯିବ ବୋ।ଲି କହିଥିଲେ। ଏହାପରେ ସେ କଲ୍‌କୁ ଅନ୍ୟ ଜଣ ବ୍ୟକ୍ତିଙ୍କୁ ସ୍ଥାନାନ୍ତର କରିଥିଲେ। ଉକ୍ତ ବ୍ୟକ୍ତି ଫୋନ୍ ଉଠାଇ ମୁମ୍ବାଇ ପୁଲିସ ମୁଖ୍ୟାଳୟର ବରିଷ୍ଠ ପୁଲିସ ଅଧିକାରୀ ବିନୟ କୁମାର ଚୋବେ ବୋଲି ପରିଚୟ ଦେଇଥିଲେ। ଅଶ୍ଳୀଳ କଲ୍, ଅଶ୍ଳୀଳ ଭିଡ଼ିଓ ପଠାଇଥିବାରୁ ତାଙ୍କ ନାମରେ ମାମଲା ହୋଇଛି। ତେଣୁ ଫୋନ୍ ନମ୍ବର ବନ୍ଦ କରାଯିବା ସହ ଯାଞ୍ଚ କରାଯିବ ବୋଲି କହିଥିଲେ। କିନ୍ତୁ ମହିଳା ଜଣଙ୍କ ଫୋନ୍ ନମ୍ବର ଜାରି ରଖିବାକୁ କହିଥିଲେ। ଏହାପରେ ତାଙ୍କୁ ଏକଲା ସ୍କାଇପ୍ କଲ୍‌ରେ ଯୋଡ଼ି ହେବାକୁ କହିଥିଲେ। ଭିଡ଼ିଓ କଲ୍‌ରେ ଠକ ପୁଲିସ ପୋଷାକ ପିନ୍ଧିବା ସହ ଏକ ନକଲି ଏଫ୍‌ଆଇଆର କପି ଦେଖାଇଥିଲେ। ଏହାପରେ ତାଙ୍କୁ ଗିରଫ ସହ ସମ୍ପତ୍ତି ଜବତ କରିବାକୁ ଧମକ ଦେଇଥିଲେ। ଏଥିରୁ ବର୍ତ୍ତିବା ପାଇଁ ମହିଳା ଜଣଙ୍କ କହିବା ପରେ ତାଙ୍କର ଆଧାରକାର୍ଡ ଏବଂ ଆକାଉଣ୍ଟ ତଥ୍ୟ ମାଗିଥିଲେ। କିନ୍ତୁ ମହିଳା ଜଣଙ୍କ ଏ ସମ୍ପର୍କରେ ସାଇବର୍ ଥାନାରେ ଅଭିଯୋଗ କରିଥିଲେ। ତେଣୁ ଏଭଳି ଠକେଇ ଯେପରି ଲୋକମାନେ ନ ହୁଅନ୍ତୁ ପୁଲିସ ଲୋକଙ୍କୁ ସଚେତନ କରିଛି। ଅଜଣା ବ୍ୟକ୍ତିଙ୍କୁ ଆଧାରକାର୍ଡ, ବ୍ୟାଙ୍କ୍ ତଥ୍ୟ ନ ଦେବାକୁ କୁହାଯାଇଛି। ଅଜଣା କଲ୍‌କୁ ନ ଉଠାବାକୁ ପୁଲିସ ସଚେତନ କରିଛି।



### ■ ଟ୍ରକ ପଛରେ ପିଟିଲା ସ୍କୁଟି
## ଜଣେ ମୃତ ଜଣେ ଗୁରୁତର

ଯାଁଳା ୭।୬(ସମିସ): ଇନଫୋଭ୍ୟାଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପିତାପଲ୍ଲି ଫ୍ଲାଏଓଭର ଉପରେ ଶୁକ୍ରବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଗୋଡି ବୋଝେଇ ଟ୍ରକ ପଛପଟେ ଏକ ସ୍କୁଟି ଧକ୍କା ଦେବାରୁ ଜଣକର ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ନୟାଗଡ଼ ଜିଲ୍ଲା ଶରଣକୂଳ ଥାନା ବାଉଁଶିଆ ଗ୍ରାମର ଦିବାକର ତ୍ରୀପାଠୀ (୪୮)। ମିଳିଥିବା ସୂଚନା ଅନୁସାରେ ୧୬ ନମ୍ବର ଜାତୀୟ ରାଜପଥ ପିତାପଲ୍ଲି ଓଭରବ୍ରିଜ ଉପରେ ଏକ ଟ୍ରକର ଚକା ପଙ୍କଚର ହୋଇ ଠିଆ ହୋଇଥିଲା। ଟ୍ରକର ହେଲପର ଚକ ଖୋଲି ପମ୍ପଚର ସଜାଡିବାକୁ ଯାଇଥିଲେ। ସେହି ସମୟରେ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଏକ ସ୍କୁଟି ଯୋଗେ ଦିବାକର ଓ ତାଙ୍କ ବନ୍ଧୁ ଆସୁଥିଲେ। କୌଣସି କାରଣରୁ ଭାରସାମ୍ୟ ହରାଇ ଉକ୍ତ ଟ୍ରକ ପଛରେ ପିଟି ହୋଇଯାଇଥିଲା। ଫଳରେ ଦିବାକରଙ୍କ ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗିଥିଲା। ସେହିଭଳି ତାଙ୍କ ବନ୍ଧୁ ମଧ୍ୟ ଗୁରୁତର ଆହତ ହୋଇଥିଲେ। ଖବର ପାଇ ଇନଫୋଭ୍ୟାଲି ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାକୁ ପଠାଇଥିଲେ। କିନ୍ତୁ ଏମ୍ସ ଡାକ୍ତରଖାନାରେ ଦିବାକରଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଆହତ ହୋଇଥିବା ବ୍ୟକ୍ତିଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଏକ ଘରୋଇ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ଦିବାକରଙ୍କ ଭଉଣୀ ଇନଫୋଭ୍ୟାଲି ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଦୁଇଟି ଗାଡି ଜବତ କରି ଘଟଣାର ତଦନ୍ତ ଚଳାଇଛି।

## କେନାଲରୁ ମିଳିଲା ନିଖୋଜ ସୌମ୍ୟଙ୍କ ମୃତଦେହ



ହଂସପାଳ/ଭୁବନେଶ୍ୱର, ୭।୬(ସମିସ): ଗୁରୁବାର ହଂସପାଳ କେନାଲରେ ଭାସିଯାଇଥିବା ସୌମ୍ୟ ରଞ୍ଜନ ଦାସଙ୍କ ମୃତଦେହ ଶୁକ୍ରବାର ଉଦ୍ଧାର କରାଯାଇଛି। ଭାସିଯାଇଥିବା ସ୍ଥାନର କିଛି ଦୂରରୁ ମୃତଦେହ ଉଦ୍ଧାର କରାଯାଇଛି। ଏନେଇ ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ୍ ହସ୍ପିଟାଲକୁ ପଠାଇ ଦେଇଛି। ଅନ୍ୟପଟରେ ସୌମ୍ୟ ରଞ୍ଜନଙ୍କ ଭଡ଼ଭାଇ କହିଛନ୍ତି ଯେ, ସେ ବହୁତ ରାଗି। ଟିକେ ଟିକେ କଥାରେ ରାଗିଯାଏ। କୌଣସି କଥାରେ ରାଗି ଯାଇ ଯଦି ଏଭଳି କିଛି ପଦକ୍ଷେପ ନେଇଥାଇପାରେ ବୋଲି ତାଙ୍କ ବଡ଼ଭାଇ କହିଛନ୍ତି। ସୂଚନା ଅନୁସାରେ, ସୌମ୍ୟ ରାଜଧାନୀର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଗୁରୁବାର ସନ୍ଧ୍ୟାରେ ଘରଲୋକ ସୌମ୍ୟଙ୍କୁ ଫୋନ୍ କରିଥିଲେ। ହେଲେ ସେ ଫୋନ୍ ରିସିଭ୍ କରି ନ ଥିଲେ। ଏନେଇ ତାଙ୍କ ଭଉଣୀ ଭୁବନେଶ୍ୱରରେ ରହୁଥିବା ଅନ୍ୟ ଜଣେ ଭାଇଙ୍କୁ ଫୋନ୍ କରି କହିଥିଲେ। ସୌମ୍ୟଙ୍କ ଭାଇ ତାଙ୍କ ଅଫିସ୍‌କୁ ଯାଇ ଖୋଜିଥିଲେ। ହେଲେ ସେଠାରେ ସୌମ୍ୟ ନ ଥିଲେ। ସନ୍ଧ୍ୟା ବେଳେ ସୌମ୍ୟଙ୍କ ଭାଇ ହଂସପାଳ ନିକଟ କେନାଲ ଦେଇ ଯାଉଥିବା ବେଳେ କେହି ଜଣେ ସେଥିରେ ବୁଡି ଯାଇଥିବା ସ୍ଥାନୀୟ ଲୋକଙ୍କଠାରୁ ଶୁଣିଥିଲେ। ବୁଡ଼ି ଯାଇଥିବା ଲୋକଟି ସୌମ୍ୟ ନୁହେଁ ତ ବୋଲି ତାଙ୍କ ମନରେ ପ୍ରଶ୍ନ ଉଠିଥିଲା। ତେଣୁ ସେ ଉଦ୍ଧାର କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ରାତି ପ୍ରାୟ ୧୦ଟା ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଚାଲିଥିଲା। କିନ୍ତୁ ବୁଡ଼ି ଯାଇଥିବା ଲୋକଟିର ପତ୍ତା ମିଳି ନଥିଲା। ଶୁକ୍ରବାର ସକାଳେ ସେ କେନାଲକୁ ଆସିଥିବା ବେଳେ କୂଳରେ ସୌମ୍ୟଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ।

# ଚନ୍ଦନ ଲଗାଇ ଚିତା କାଟୁଥିଲେ ପୂଜକ

ଭୁବନେଶ୍ୱର, ୭।୬(ସମିସ)

ରାଜଧାନୀର ବିଭିନ୍ନ ସ୍ଥାନରୁ ବାଇକ୍ ଚୋରି କରୁଥିବା ଏକ ହାଇପ୍ରୋଫାଇଲ୍ ଚୋରକୁ ଗିରଫ କରିଛି କମିସନରେଟ୍ ପୁଲିସ। ଗିରଫ ଅଭିଯୁକ୍ତ ହେଲା ଇନ୍‌ଫୋଭ୍ୟାଲି ଥାନା ଯାଁଳାର କୃପାସିନ୍ଧୁ ମହାପାତ୍ର। ସେ ଜଣେ ରାସ୍ତାକଡ଼ ପୂଜକ। ଦିନରେ ପୂଜାପାଠ କରିବା ସହ ବାଇକ୍ ଚୋରି କରନ୍ତି। ଚନ୍ଦନ ଲଗାଇ ଚିତା କାଟୁଥିଲା ପୂଜକ। ପୂଜା ବାହାନାରେ ଲୁଟୁଥିଲା ବାଇକ୍। କ୍ୟାପିଟାଲ ଥାନା ପୁଲିସ୍ ତା'ଠାରୁ ୨୪ଟି ବାଇକ୍ ଜବତ କରିଛି। ସକାଳୁ ସକାଳୁ ସେ ସହରର ବିଭିନ୍ନ ଟ୍ରାଫିକ୍ ଛକରେ ଗାଡ଼ିକୁ ଅଟକାଇ ପୂଜାର୍ଚ୍ଚନା କରନ୍ତି। ପୂଜାର୍ଚ୍ଚନା ପରେ ଗାଡ଼ିଚାଳକଙ୍କ ମୁଣ୍ଡରେ ଚନ୍ଦନର ଟିକା ଲଗାଇ ଦକ୍ଷିଣା ଆଦାୟ ବାହାନାରେ ଚିତା କାଟୁଥିଲା କୃପାସିନ୍ଧୁ ନନା। ବିଶେଷ କରି ସେ ବିଏମ୍‌ସି ମଲ୍, ଏମ୍ସ ହସ୍ପିଟାଲ୍, କ୍ୟାପିଟାଲ୍ ହସ୍ପିଟାଲ୍, କଳିଙ୍ଗ ହସ୍ପିଟାଲ୍, ଆପୋଲୋ ହସ୍ପିଟାଲ୍ ପାର୍କିଂ ଅଞ୍ଚଳରେ ପୂଜା ବାହାନାରେ ବୁଲୁଥିଲା। ଆଉ ସମୟ ସୁବିଧା ଦେଖି ଡୁପ୍ଲିକେଟ୍ ଚାବିରେ ବାଇକ୍ ତାଲା ଖୋଲି ନେଇ ଯାଉଥିଲା।

### ଟାର୍ଗେଟ୍‌ରେ 'ହିରୋ'

କୃପାସିନ୍ଧୁ କେବଳ ହିରୋ କମ୍ପାନୀର ବାଇକ୍ ଲୁଟୁଥିଲା। କାରଣ ହିରୋ କମ୍ପାନୀର ବାଇକ୍ ଯେକୌଣସି ଚାବିରେ ଖୋଲି ଯାଉଥିବାରୁ ସେ ଏହି କମ୍ପାନୀର ବାଇକ୍ ଚୋରି କରୁଥିବା ସିପି ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି। ଚୋରି କରିଥିବା ବାଇକ୍‌କୁ ବିକ୍ରି କରୁ ନ ଥିଲା କୃପାସିନ୍ଧୁ। ଅପରିଚିତ ଲୋକଙ୍କ ପାଖରେ ବନ୍ଧା ପକାଇ କିଛି ଟଙ୍କା ଆଣୁଥିଲା। ପରବର୍ତ୍ତୀ ସମୟରେ



**ପୂଜା ବାହାନାରେ ପାର୍କିଂସ୍ଥଳରୁ ବାଇକ୍ ଚୋରି**

**ହାଇପ୍ରୋଫାଇଲ୍ ବାଇକ୍ ଚୋର କୃପାସିନ୍ଧୁ ଗିରଫ**

**୨୪ ଗାଡ଼ି ଜବତକଲା ପୁଲିସ**

ସେହି ଟଙ୍କା ଫେରାଇ ନ ଥିଲା। ଫଳରେ ଟଙ୍କା ଦେଇଥିବା ବ୍ୟକ୍ତି ବାଇଖ୍ ରଖିଦେଉଥିଲେ। କିନ୍ତୁ ତାହା ଚୋରି ବାଇକ୍ ବୋଲି ସେମାନେ ଜାଣି ନ ଥିଲେ। କୃପାସିନ୍ଧୁ ମହାପାତ୍ର ଏମିତି ଢଙ୍ଗରେ ବାଇକ୍ ଲୁଟୁଥିଲା। ନନା ବେଶରେ ଚୋରି କରିବା ସହଜ ହେଉଥିଲା।

କୃପାସିନ୍ଧୁର ରୂପ ଓ ଢଙ୍ଗ ଦେଖିଲେ ତାଙ୍କୁ କେହି ଚୋର ବୋଲି ବିଶ୍ୱାସ କରିପାରୁ ନ ଥିଲେ। ତା'ପରେ ସେ ପୁଣି ଜଣେ ନନା ବା ପୂଜକ। ନିଜର ସାଦାସିଧା ବେଶ ଯୋଗୁଁ ସେ ସବୁ ବେଳେ ଖସି ଯାଉଥିଲା। ହେଲେ ସବୁବେଳେ ନନାଙ୍କ ବେଳା ଭଲ ନ ଥିଲା। ଗତ କିଛିଦିନ ତଳେ ସେ କ୍ୟାପିଟାଲ୍ ହସ୍ପିଟାଲ୍ ପାର୍କିଂସ୍ଥଳରୁ ଗୋଟିଏ ବାଇକ୍ ଚୋରି କରିଥିଲା। ଯାହାର ଭିଡିଓ ସିସିଟିଭିରେ କଏଦ ହୋଇଥିଲା। ବାଇକ୍ ଚୋରି ନେଇ କ୍ୟାପିଟାଲ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୁଲିସ୍ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ପୁଲିସ୍ କ୍ୟାପିଟାଲ୍ ହସ୍ପିଟାଲ୍ ପାର୍କିଂସ୍ଥଳରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରିଥିଲା। ସେହି ସମୟରେ କୃପାସିନ୍ଧୁ ମହାପାତ୍ରଙ୍କ ମୁଖା ଖୋଲିଥିଲା। ତା'ପରେ ପୁଲିସ୍ କୃପାସିନ୍ଧୁଙ୍କୁ ହେପାଜତକୁ ନେଇ ପଚରାଉଚରା କରିଥିଲା। ଆଉ ତା'ପରେ ବାଇକ୍ ଚୋରିର ପୂରା କାରସାଜୀ ପଦାକୁ ଆସିଥିଲା। ତାକୁ ଅଧିକ ପଚରାଉଚରା କରିବା ପରେ ୨୪ବାଇକ୍ ଜବତ କରାଯାଇଛି। ତାଙ୍କ ନାଁରେ କ୍ୟାପିଟାଲ, ଖଣ୍ଡଗିରି ଏବଂ ସହିଦନଗର ଥାନାରେ ୭ଟି ମାମଲା ରହିଛି ବୋଲି ପୁଲିସ୍ କମିସନର୍ କହିଛନ୍ତି।

## ଗଞ୍ଜେଇ ସହ କାର୍ ଜବତ; ୨ ଗିରଫ

ଭୁବନେଶ୍ୱର, ୭।୬ (ସମିସ): କନ୍ଧମାଳରୁ ଭୁବନେଶ୍ୱରକୁ ଗଞ୍ଜେଇ ଚାଲାଣ କରୁଥିବା ଗ୍ୟାଙ୍ଗର ଦୁଇ ଜଣଙ୍କୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲେ ରଙ୍ଗମାଟିଆର ଦୀପକ କୁମାର ଦାସ (୩୩) ଓ ଚକେଇସିଆଣିର ସଞ୍ଜୟ କୁମାର ସେଠୀ (୩୨)। ପୁଲିସ ସୂଚନା ଅନୁସାରେ, ଗଜପତି ନଗର ଅଞ୍ଚଳ ଦେଇ କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ମୈତ୍ରୀ ବିହାର ଥାନା ପୁଲିସକୁ ଖବର ମିଳିଥିଲା। ଥାନାର ଏକ ସ୍ୱତନ୍ତ୍ର ଟିମ୍ ଅକ୍ଷର ଭୂମି ପଛ ପାଖରେ ଅତର୍କିତ ଚଢ଼ଉ କରିଥିଲା। କାର୍‌ରେ ଗଞ୍ଜେଇ ଚାଲାଣ କରୁଥିବା ଅଭିଯୋଗରେ ଦୁଇ ଅଭିଯୁକ୍ତଙ୍କୁ କାବୁ କରିଥିଲା ପୁଲିସ। ତଲାସୀ ବେଳେ ସେହି କାର୍ ଭିତରୁ ସମୁଦାୟ ୧୭ କିଲୋ ଓଜନର ଗଞ୍ଜେଇ ଜବତ କରାଯାଇଥିଲା। ଏଥିସହିତ ଦୁଇଟି ମୋବାଇଲ୍ ଫୋନ ଓ ସମ୍ପୃକ୍ତ କାର୍‌କୁ ଜବତ କରାଯାଇଥିଲା। ଦୁଇ ଅଭିଯୁକ୍ତ ମିଶି କନ୍ଧମାଳ ଅଞ୍ଚଳରୁ ଗଞ୍ଜେଇ ସଂଗ୍ରହ କରି ଆଣି ସ୍ଥାନୀୟ ଅଞ୍ଚଳରେ ବେଆଇନ ଭାବରେ ବିକ୍ରି କରୁଥିଲେ ବୋଲି ପୁଲିସ ଆଗରେ ସ୍ୱୀକାର କରିଥିଲେ। ଏନେଇ ମୈତ୍ରୀ ବିହାର ଥାନା ପୁଲିସ ଏନ୍‌ଡିପିଏସ ଆକ୍ଟରେ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।



# ଟ୍ରେନ୍ ଯାତ୍ରୀଙ୍କ ପାଇଁ ବସ୍ତି ସାଜିଛି କାଳ

ଭୁବନେଶ୍ୱର, ୭।୬(ସମିସ)

ଟ୍ରେନ୍ ଯାତ୍ରୀଙ୍କ ପାଇଁ କାଳ ସାଜିଛି ରେଳ ଲାଇନ୍ କଡ଼ରେ ଥିବା ବସ୍ତି। ଏହି ବସ୍ତିର ଏକାଧିକ ଅସାମାଜିକ ଯୁବକ ମଜା ନେବା ପାଇଁ ଚଳନ୍ତା ଟ୍ରେନ୍ ଉପରକୁ ପଥର ମାଡ଼ କରୁଛନ୍ତି। ଫଳରେ ଟ୍ରେନରେ ଯାତ୍ରା କରୁଥିବା ଯାତ୍ରୀଙ୍କ ମୁଣ୍ଡର ମାଡ଼ହୋଇ ଜୀବନ ଯାଉଛି। ଆଉ କାହା ଦେହରେ ଏହି ପଥର ବାଜି ଗୁରୁତର ଆହତ ମଧ୍ୟ ହେଉଛନ୍ତି। ହେଲେ ଅନ୍ଧାରର ସୁଯୋଗ ନେଇ ଏହି ଅସାମାଜିକ ଯୁବକ ଖସିଯାଉଛନ୍ତି। ଜିଆର୍‌ପି ତଦନ୍ତ କଲେ ମଧ୍ୟ ପ୍ରମାଣ ଅଭାବରୁ ସେମାନଙ୍କୁ ଗିରଫ କରାଯାଇ ପାରୁନି। ବିଶେଷକରି ରେଳରେ ଯାତ୍ରା କରୁଥିବା ଯାତ୍ରୀମାନେ ଝରକା ପାଖ ସିଟ୍ ଏବଂ ଟ୍ରେନ୍‌ର ପ୍ରବେଶ ଦ୍ୱାରାରେ ଛିଡ଼ା ହୋଇ ଯିବାକୁ ଭଲ ପାଆନ୍ତି। କାରଣ ଏହି ଦୁଇ ସ୍ଥାନରେ ବସି ଯାତ୍ରା କରିବା ସମୟରେ ବାହାର ଦୃଶ୍ୟ ଦେଖିବା ସହ ଖୋଲା ପବନ ବାଜିଥାଏ। ତେଣୁ ଅଧିକାଂଶ ଯାତ୍ରୀ ଏହି ଦୁଇ ସ୍ଥାନରେ ବସି ଯାତ୍ରା କରିବାକୁ ଭଲ ପାଆନ୍ତି। କିନ୍ତୁ ସେମାନଙ୍କ ଜୀବନ ଏବେ ବିପଦରେ ପଡ଼ିଛି। ଅସାମାଜିକ ଯୁବକଙ୍କ ଟେକା ମାଡ଼ରେ ସେମାନଙ୍କ ଜୀବନ ଚାଲିଯାଉଛି। ଗତ ୩୦ ତାରିଖରେ ଯାତ୍ରା କରୁଥିବା ପ୍ରିନ୍ସ କୁମାର ନାମକ ଜଣେ ଯୁବକ ଏଭଳି ଟେକାମାଡ଼ର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି। ଏହି ମାମଲାରେ ଜିଆରପି ଜଣଙ୍କୁ ଗିରଫ କରିଛି। ମୁନା କୁମାର ଏବଂ ତାଙ୍କର ସାନଭାଇ ପ୍ରିନ୍ସ କୁମାରଙ୍କ ଘର ବିହାର। ସେମାନେ କାମ କରିବାକୁ ଆନ୍ଧ୍ରପ୍ରଦେଶ ଯାଇଥିଲେ। ଘରେ ପୂଜା ଥିବାରୁ ସେମାନେ ଘରକୁ ଫେରୁଥିଲେ। ଟ୍ରେନ୍ ଯୋଗେ ଖୋର୍ଦ୍ଧାରୋଡ୍‌ରୁ ଭୁବନେଶ୍ୱର ଆସୁଥିଲେ। ମୁନା ନିଜ ସିଟ୍‌ରେ ବସିଥିବା ବେଳେ ଟ୍ରେନ୍‌ର ଦ୍ୱାର ନିକଟରେ ତାଙ୍କର ସାନଭାଇ ପ୍ରିନ୍ସ ଛିଡ଼ା ହୋଇଥିଲେ। ଟ୍ରେନ୍‌ଟି ବାପୁଜୀନଗର ଦେଇ ଯିବା ସମୟରେ ଏକ ଟେକା ଆସି ପ୍ରିନ୍ସର ମୁଣ୍ଡରେ ମାଡ଼ ହୋଇଥିଲା। ଫଳରେ ମୁଣ୍ଡ ଫାଟିଯିବା ଫଳରେ ତଳେ ପଡ଼ିଯାଇଥିଲେ। ଟ୍ରେନ୍‌ଟି ଭୁବନେଶ୍ୱର ଷ୍ଟେସନରେ ରହିବା ପରେ ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଦ୍ୱାରା କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### କିଏ କରୁଛି ପଥର ମାଡ଼

ଜିଆର୍‌ପିର ଜଣେ ଅଧିକାରୀଙ୍କ ସୂଚନା ଅନୁସାରେ, ଗତ ୩ ବର୍ଷରେ ୧ଶହରୁ ଊର୍ଦ୍ଧ୍ୱ ପଥର ମାଡ଼ ଚଳାନ୍ତା ଟ୍ରେନ୍ ଉପରକୁ ହୋଇଛି। ପ୍ରତି ବର୍ଷରେ ୩୫ରୁ ଅଧିକ ଥର ପଥର ମାଡ଼ ହେଉଛି। ଏନେଇ ପୁଲିସ ମାମଲା ରୁଜୁ କରିଥିଲେ ମଧ୍ୟ ହାତ ଗଣତି ଲୋକଙ୍କୁ ଗିରଫ କରିଛି। ବଡ଼କଥା ହେଲା ଏହି ଚଳନ୍ତା ଟ୍ରେନ୍‌କୁ କିଏ ପଥର ମାଡ଼ କରୁଛି ବୋଲି ଅନେକଙ୍କ ମନକୁ ପ୍ରଶ୍ନ ଆସିଥାଏ। ଟ୍ରେନ୍ ନିକଟରେ ବସ୍ତି ରହିଥିବାରୁ ଯୁବକ ଓ ପିଲାମାନେ ମଜା ନେବାକୁ ଏଭଳି ପଥର ମାଡ଼ କରୁଛନ୍ତି। ଅନେକ ବସ୍ତି ଯୁବକ ଟ୍ରେନ୍ ଲାଇନ୍ କଡ଼ରେ ଥିବା ଅନ୍ଧାରୁଆ ସ୍ଥାନରେ ବସି ନିଶା ସେବନ କରନ୍ତି। ସେଠାରେ ନିଶାଡ଼ିଙ୍କ ମଧ୍ୟରେ ଟେକାମରା ପ୍ରତିଯୋଗିତା ହୋଇଥାଏ। ଯାହା ଯାତ୍ରୀଙ୍କ ପାଇଁ ବିପଦ ପାଲଟିଛି।



**■ ମଜା ନେବାକୁ ଟ୍ରେନ୍ ଉପରକୁ କରୁଛନ୍ତି ପଥରମାଡ଼**

**■ ଅକାଳରେ ଝଡିପଡୁଛି ଯାତ୍ରୀଙ୍କ ଜୀବନ**

**■ ୩ ବର୍ଷରେ ୧୦୦ ପଥର ମାଡ଼**

### ସଚେତନତା ସତ୍ତ୍ୱେ ପଡୁନି ଫରକ

ଟ୍ରେନ୍‌ଲାଇନ୍ କଡ଼ରେ ଥିବା ବସ୍ତିର ଯୁବକମାନେ ଟେକାମାଡ଼ କରୁଥିବାରୁ ଏହାକୁ ରୋକିବାକୁ ଆର୍‌ପିଏଫ ଏବଂ ଜିଆରପି ଉଦ୍ୟମ କରନ୍ତି। ସେମାନେ ବିଭିନ୍ନ ସମୟରେ ବସ୍ତିକୁ ଯାଇ ସଚେତନତା କାର୍ଯ୍ୟକ୍ରମ କରିଥାନ୍ତି। ଟ୍ରେନ୍‌କୁ ପଥରମାଡ଼ ନ କରିବା ପାଇଁ ଲୋକଙ୍କୁ ବୁଝାଇଥାନ୍ତି। କିନ୍ତୁ ଏତେ ସଚେତନତା ପରେ ମଧ୍ୟ ଲୋକେ ସୁଧୁରୁ ନାହାନ୍ତି। ତେଣୁ ଟ୍ରେନ୍ ଲାଇନ୍ ନିକଟରେ ଥିବା ବସ୍ତିକୁ ହଟାଇବା ପାଇଁ ଏବେ ଏକାଧିକ ଲୋକ ଦାବି କରୁଛନ୍ତି।

## ଟେକା ମାରିଥିବା ଦୁଇ ଯୁବକ ଗିରଫ

ଭୁବନେଶ୍ୱର, ୭।୬(ସମିସ): ଗତ ୬ ତାରିଖ ସନ୍ଧ୍ୟା ସମୟରେ କାମାକ୍ଷା-ବେଙ୍ଗାଲୁରୁ ଏକ୍ସପ୍ରେସକୁ ପଥର ଫିଙ୍ଗିବା ଅଭିଯୋଗରେ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ରେଳବାଇ ସୁରକ୍ଷା ବଳ ଦ୍ୱାରା ତ୍ୱରିତ ପଦକ୍ଷେପ ନିଆଯାଇଛି। ଟେକାମାଡ଼ କରିଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ଗୋଲାବାଇ ଗ୍ରାମର ରମେଶ ମାଝି ଓ ନକୂଳପଟାନା ଗ୍ରାମର ସଦାଶିବ ପ୍ରଧାନ। ଉଭୟ ନିଶାଗ୍ରସ୍ତ ହୋଇ ଏଭଳି ପଥର ମାଡ଼ କରିଥିବା ସ୍ୱୀକାର କରିଛନ୍ତି। ପଥର ମାଡ଼ରେ ଗତ ୩୦ ତାରିଖରେ ବିହାରର ପ୍ରିନ୍ସ କୁମାର ଗୁରୁତର ଆହତ ହୋଇଥିଲେ। ପରେ ତାଙ୍କର ମୃତ୍ୟୁ ଘଟିଛି।

# କଟକ ସିଟି



## ବାରବାଟୀ-କଟକରେ ନିର୍ଣ୍ଣାୟକ ହେଲା ସଂଖ୍ୟାଲଘୁ ଭୋଟ

● ସୋଫିଆଙ୍କ ଜିତାପଟ ପରେ ଚାଲିଛି ମାନସମନ୍ଥନ



**କଟକ,୭ ।୬(ସମିସ):** କଟକ ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ବିଧାନସଭା ନିର୍ବାଚନ ମଣ୍ଡଳୀ ବାରବାଟୀ-କଟକ ଆସନକୁ ପୁଣି ବଜାୟ ରଖିବାକୁ ସକ୍ଷମ ହୋଇଛି କଂଗ୍ରେସ। ୨୦୧୪ରେ ଶେଷ ଥର ପାଇଁ ବିଜେଡି ଦଖଲରେ ଥିବା ଏହି ଆସନରେ ଏଥର କଂଗ୍ରେସ ପ୍ରାର୍ଥୀ ସୋଫିଆ ଫିରଦୋସଙ୍କ ଜିତାପଟ ହୋଇଛି। ଏଥର ସୋଫିଆଙ୍କ ବିଜୟରେ ସଂଖ୍ୟାଲଘୁ ମୁସଲିମ ଭୋଟ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିବା କୁହାଯାଉଛି। ସେହିପରି ବିପକ୍ଷ ଦଳଙ୍କ ଅସନ୍ତୁଷ୍ଟ ଭୋଟ ହାତେଇ ଏଠାରେ କଂଗ୍ରେସ ସିଟ ଦଖଲ କରିବାକୁ ସକ୍ଷମ ହୋଇଛି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ବାରବାଟୀ-କଟକରେ ପ୍ରାୟ ୭୦ହଜାରରୁ ଅଧିକ ସଂଖ୍ୟାଲଘୁ ଭୋଟର ଥିବା ବେଳେ ସୋଫିଆ ଏହି ବର୍ଗର ହୋଇଥିବାରୁ ଏକ ସିଂହ ଭାଗ ଭୋଟ ହାତେଇବାକୁ ସକ୍ଷମ ହୋଇଛନ୍ତି। କଂଗ୍ରେସର ଜିତାପଟ ପରେ ଉଭୟ ବିଜେଡି ଓ ବିଜେପି ପକ୍ଷରୁ ମାନସମନ୍ଥନ ଆରମ୍ଭ ହୋଇଯାଇଛି। ଏପରିକି ବାରବାଟୀ-କଟକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିର୍ବାଚନୀ ସଭା ବି ବିଜେପି ସପକ୍ଷରେ ଫଳାଫଳ କରିପାରିନାହିଁ। ବାରବାଟୀ-କଟକରେ ଗତ ୨୦୧୯ ତୁଳନାରେ ଏଥର ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ୩ହଜାର ଅଧିକ ଭୋଟ ପାଇଥିଲେ। ସେହିପରି ବିଜେପି ପ୍ରାର୍ଥୀ ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଗତ ନିର୍ବାଚନ ତୁଳନାରେ ୧୧ହଜାରରୁ ଅଧିକ ଭୋଟ ପାଇଥିଲେ। ବିଜେଡି ପ୍ରାର୍ଥୀ ପ୍ରକାଶ ବେହେରାଙ୍କୁ କିନ୍ତୁ ୨୦୧୯ ତୁଳନାରେ ୬ ହଜାର କମ ଭୋଟ ମିଳିଥିଲା। ସହର ବାହାର ଅଞ୍ଚଳର ହୋଇଥିବା ପ୍ରସଂଗ ପ୍ରକାଶଙ୍କ ପାଇଁ ଏଠାରେ ସମସ୍ୟା ହୋଇଥିବା ନେଇ ଆଲୋଚନା ହେଉଛି। କଂଗ୍ରେସ ଓ ବିଜେପିର ଭୋଟ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ବିଜେଡିର ଭୋଟ ହାର କମିବା ନେଇ ଦଳ ପକ୍ଷରୁ ଖୁବଶୀଘ୍ର ସମୀକ୍ଷା ବୈଠକ କରାଯିବ ବୋଲି ଜଣାପଡିଛି। ବାରବାଟୀ-କଟକରେ ବିଜୟୀ କଂଗ୍ରେସ ପ୍ରାର୍ଥୀ ସୋଫିଆଙ୍କ ତୁଳନାରେ କଂଗ୍ରେସ ଦଳର ସାଂସଦ ପ୍ରାର୍ଥୀ ସୁରେଶ ମହାପାତ୍ର ବି ୨୫ହଜାର କମ ଭୋଟ ପାଇଥିଲେ। ଅନ୍ୟପଟରେ ବିଜେଡି ଓ ବିଜେପି ବିଧାୟକ ପ୍ରାର୍ଥୀଙ୍କଠାରୁ ବି ସେମାନଙ୍କ ଦଳର ସାଂସଦ ପ୍ରାର୍ଥୀ ମାନେ ଏଠାରେ ଅଧିକ ଭୋଟ ପାଇଥିଲେ। ବିଭିନ୍ନ କାରଣକୁ ନେଇ ଉଭୟ ଦଳରେ ବେଶ ଘଣ୍ଟାଚକଟା ଆରମ୍ଭ ହୋଇଯାଇଛି।

## ଟ୍ରେନ୍‌ରୁ ଯନ୍ତ୍ରାଂଶ ଚୋରି: ଜଣେ ଗିରଫ



**କଟକ,୭।୬(ସମିସ):** ମାଲବାହୀ ଟ୍ରେନରୁ ଯନ୍ତ୍ରାଂଶ ଚୋରି ଅଭିଯୋଗରେ ଆରପିଏଫ୍ ଜଣକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲା ଢେଙ୍କାନାଳ ଜିଲ୍ଲା ତୁମୁସିଂହା ଥାନା ଅଞ୍ଚଳର ଅଭୟ ପ୍ରଧାନ(୪୨)। ଗୁରୁବାର ରାତିରେ ଅଭୟ କନ୍ଦରପୁର ରେଳ ଷ୍ଟେସନ ଅଞ୍ଚଳରେ ସନ୍ଦେହଜନକ ଭାବେ ବୁଲାବୁଲି କରୁଥିଲା। ଏହି ସୂଚନା ପାଇ ଆରପିଏଫ ଟିମ ସେଠାରେ ପହଞ୍ଚି ତାକୁ କାବୁ କରିଥିଲା। ତଲାସି ନେବାରୁ ଅଭିଯୁକ୍ତ ପାଖରୁ ମାଲବାହୀ ଟ୍ରେନରେ ବ୍ୟବହାର ହେଉଥିବା ଗୋଟିଏ ଭଲଭ୍ ମିଳିଥିଲା। ଭାର ସମ୍ଭାଳିବା ପାଇଁ ଟ୍ରେନ ବଗିରେ ଆବଶ୍ୟକ ପ୍ରେସର ଲାଗି ଏହାକୁ ବ୍ୟବହାର କରାଯାଇଥାଏ। ଅଭିଯୁକ୍ତ ଅଭୟ ଉକ୍ତ ମୂଲ୍ୟବାନ ସରଞ୍ଜାମକୁ ଚୋରାଇ ଅନ୍ୟତ୍ର ବିକୁଥିବା ଏବଂ ପୂର୍ବରୁ ଅନେକ ଥର ଚୋରି କରିଥିବା ଜେରା ବେଳେ ସ୍ୱୀକାର କରିଛି। ତାକୁ କୋର୍ଟ ଚାଲାଣ ପରେ ଜେଲ ପଠାଇ ଦିଆଯାଇଛି।

### ଦୁର୍ବଳ ନଦୀବନ୍ଧର ମରାମତି କେବେ ?

## ଆଗକୁ ବର୍ଷା, ବିପଦରେ ଗାନ୍ଧୀପଲ୍ଲୀ-ଗଡିରାଉତପାଟଣା

କଟକ,୭ ।୬(ସମିସ)



ଆଗକୁ ବର୍ଷାଋତୁ ଆସୁଥିବା ବେଳେ ଏହି ସମୟରେ ଦେଖାଦେଉଥିବା ବନ୍ୟା ସ୍ଥିତିର ମୁକାବିଲା ପାଇଁ ଏଯାଏଁ ପ୍ରସ୍ତୁତି ହୋଇପାରିନାହିଁ। ଅତୀତରେ କଟକ ଜିଲ୍ଲା ଦେଇ ପ୍ରବାହିତ ହେଉଥିବା ନଦୀର ଦୁର୍ବଳ ନଦୀବନ୍ଧଗୁଡିକର ସ୍ଥାୟିତ୍ୱକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଗୁଡିକ ମଧ୍ୟରୁ ଅନେକର ମରାମତି କାର୍ଯ୍ୟ ହୋଇପାରି ନାହିଁ। ବହୁ ସ୍ଥାନରେ ନଦୀବନ୍ଧ ଦୁର୍ବଳ ଥିବାରୁ ଜିଲ୍ଲାକୁ ବନ୍ୟା ବିପଦ ମଧ୍ୟ ରହିଛି। ଜିଲ୍ଲା ଦେଇ ପ୍ରବାହିତ ମହାନଦୀ, ଚିତ୍ରୋତ୍ପଳା, କାଠଯୋଡି, କୁଆଖାଇ, ବିଲୁଆଖାଇ, ବିରୂପା, ଦେବୀ, କନ୍ଦଳ ଆଦି ନଦୀର ବହୁ ଜାଗାରେ ବନ୍ଧ ଦୁର୍ବଳ ରହିଛି। ବିଶେଷକରି ବେଆଇନ ବାଲିଘାଟ ଓ ଧାର୍ଯ୍ୟ କ୍ଷମତା ଠାରୁ ଅଧିକ ବାଲି ଉତ୍ତୋଳନ ପାଇଁ ବନ୍ଧ ପ୍ରତି ବହୁ ସ୍ଥାନରେ ବିପଦ ରହିଛି। କଟକ ସହରକୁ ମହାନଦୀ ଓ କାଠଯୋଡିର ବନ୍ୟା ଜଳ ବହୁ ସମୟରେ ବିପଦ ସାବ୍ୟସ୍ତ ହୋଇଥାଏ। ମହାନଦୀର ଗାନ୍ଧୀପଲ୍ଲୀ ଠାରୁ କଟକ ସହର ଉପକଣ୍ଠ ଗଡିରାଉତପାଟଣା ପର୍ଯ୍ୟନ୍ତ ନଦୀବନ୍ଧ ଦୁର୍ବଳ ରହିଥିବା ଅଭିଯୋଗ ହୋଇଛି। ମହାନଦୀରେ ବନ୍ୟାଜଳ ପ୍ରବାହିତ ହେଲେ ଗାନ୍ଧିପଲ୍ଲୀ, ନେହରୁପଲ୍ଲି ଆଦି ଅଞ୍ଚଳ ବନ୍ୟା ଜଳ ଘେର ପଡି ଜଳବନ୍ଦୀ ହୋଇଥିବାର ନଜିର ରହିଛି। ଏହା ପ୍ରଶାସନ ପାଇଁ ଚାଲେଞ୍ଜ ହୋଇଛି। ବିଗତ ବର୍ଷରେ ଗାନ୍ଧୀପଲ୍ଲୀ ଓ ନେହରୁପଲ୍ଲୀ ଠାରେ ନଦୀବନ୍ଧ ଦୁର୍ବଳ ଥିବା ପରିଲକ୍ଷିତ ହୋଇଥିଲା। ନିର୍ବାଚନ ପ୍ରକ୍ରିୟା ପଶିଯିବାରୁ ଏପରିକି ବର୍ଷା ଋତୁ ପୂର୍ବରୁ ଏହି ସବୁ ସ୍ଥାନ ମରାମତି ବିଳମ୍ବ ଘଟିଥିବାର ପରିଲକ୍ଷିତ ହୋଇଛି।

ପ୍ରକାଶ ଥାଉକି ଜିଲ୍ଲାରେ ବିଭିନ୍ନ ଜଳସେଚନ ବିଭାଜନ ଅନ୍ତର୍ଗତ ମହାନଦୀ-ଉତ୍ତରରେ, ପ୍ରାଚୀ ଜଳସେଚନ, ଖୋର୍ଦ୍ଧା ଜଳସେଚନ, ଜଗତସିଂହପୁର ଜଳସେଚନ ଡିଭିଜନ ଅଧୀନରେ ଦୁର୍ବଳ ଓ କ୍ଷତି ସମ୍ଭାବ୍ୟ ଆଡିବନ୍ଧ ଗତବର୍ଷ ଚିହ୍ନଟ କରାଯାଇଥିଲା କିନ୍ତୁ ଏହାଠାରୁ ବହୁ ଅଧିକ ସ୍ଥାନରେ ବନ୍ଧ ଦୁର୍ବଳ ରହଥିବା ପରିଲକ୍ଷିତ ହୋଇଛି। ମୌସୁମୀ ଓଡିଶା ଉପକୂଳ ଖୁବଶୀଘ୍ର ଛୁଇଁବାକୁ ଥିଲା ବେଳେ ଏହି ସମୟ ମଧ୍ୟରେ କୌଣସି ସ୍ଥାନରେ ବନ୍ଧ ମରାମତି କାର୍ଯ୍ୟ ଶେଷ ହୋଇପାରିବାର ସମ୍ଭାବନା ନାହିଁ। ସମ୍ଭାବ୍ୟ ବନ୍ୟା-ବାତ୍ୟାର ମୁକାବିଲା କରିବା ପାଇଁ ଜିଲ୍ଲା କାର୍ଯ୍ୟାଳୟରେ ନିୟନ୍ତ୍ରଣ କକ୍ଷ ନାମକୁ ମାତ୍ର ଚାଲିଆସୁଛି। ଦୁର୍ବଳ ନଦୀବନ୍ଧର ଉଚ୍ଚତା ବୃଦ୍ଧି ଓ ସୁଦୃଢୀକରଣ ସମ୍ବନ୍ଧରେ ତଥ୍ୟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଆସୁଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳୁନାହିଁ। ବନ୍ୟା ସମୟରେ ବାଙ୍କୀ, ଆଠଗଡ, କଟକ ସଦର ଆଦି ବ୍ଲକ ଗୁଡିକ ବନ୍ୟାରେ ବେଶୀ ପ୍ରଭାବିତ ହେବାର ଆଶଙ୍କା ରହିଥାଏ। ଏଣୁ ଏହାକୁ ଉପଯୁକ୍ତ ତଦାରଖ କରିବା ପାଇଁ ଦାବି ହୋଇଛି।



## ଟ୍ରେନ୍‌ରୁ ଉଦ୍ଧାର ହେଲେ ଗର୍ଭବତୀ

କଟକ,୭ ।୬(ସମିସ)

ଏକ ଚଳନ୍ତା ଟ୍ରେନରେ ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିବା ଜଣେ ଗର୍ଭବତୀ ମହିଳାଙ୍କୁ ଆରପିଏଫ୍ ସ୍କ୍ୱାଡ୍ ଉଦ୍ଧାର କରିଛି। ମହିଳାଙ୍କୁ ମେଡିକାଲରେ ଭର୍ତ୍ତି କରାଯିବାରୁ ସେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଛନ୍ତି। କଟକର ଆରପିଏଫ ଏଭଳି ତ୍ୱରିତ ପଦକ୍ଷେପ ଯୋଗୁଁ ଉଭୟ ମହିଳା ଓ ନବଜାତ ସୁସ୍ଥ ଅଛନ୍ତି।

ଗତକାଲି ସନ୍ଧ୍ୟାରେ କଟକ ଆରପିଏଫର ମେରୀ ସହେଲୀ ଟିମ ଚେନ୍ନାଇ-ସାଲିମାର ଏକ୍ସପ୍ରେସରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଟ୍ରେନର ଏକ ସାଧାରଣ ବଗିରେ ଜଣେ ମହିଳା ଚିତ୍କାର କରୁଥିବା ନଜରରେ ପଡିଥିଲା। ପାଖକୁ ଯାଇ ଦେଖିଲା ବେଳକୁ ମହିଳା ଜଣକ ଗର୍ଭବତୀ ଅଛନ୍ତି ଏବଂ ସେ ଆସନ୍ନ ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ପାଖରେ ଥିବା ମହିଳାଙ୍କ ସ୍ୱାମୀ ତାଙ୍କୁ ଆଶ୍ୱାସନା ଦେଉଛନ୍ତି। ଏହାଦେଖି ଆରିପଏଫ ଟିମ୍ ଘଟଣା ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଏହାପରେ ଟ୍ରେନକୁ କିଛି ସମୟ ପାଇଁ କଟକ ରେଳ ଷ୍ଟେସନରେ ଅଟକାଇଥିଲେ। ପୂର୍ବରୁ ଆରପିଏଫର ଏଏସଆଇ ସ୍ମୃତିରଞ୍ଜନ ସାହୁଙ୍କ ନେତୃତ୍ୱରେ ଏକ ଟିମ ପ୍ଲାଟଫର୍ମରେ ପ୍ରସ୍ତୁତ ରହିଥିଲେ। ଟ୍ରେନ ଅଟକିବାମାତ୍ରେ ତୁରନ୍ତ ଗର୍ଭବତୀ ମହିଳାଙ୍କୁ ଷ୍ଟ୍ରେଚର ଯୋଗେ ଆଣି ଏସ୍‌ସିବି ମେଡିକାଲ ନିଆଯାଇଥିଲା। ଆଉ ସେଠାରେ ମହିଳା ଜଣକ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ଉଭୟ ମାଆ ଓ ଶିଶୁପୁତ୍ର ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। କିଛି ସମୟ ବିଳମ୍ବ ହୋଇଥିଲେ ଉଭୟ ମାଆ ଓ ନବଜାତର ଜୀବନ ପ୍ରତି ବିପଦ ଥିଲା ବୋଲି ଡାକ୍ତର ଜଣାଇଥିଲେ। ମହିଳା ଜଣକ ହେଲେ ସେରିନା ବେବି(୩୧)। ସେ ସ୍ୱାମୀଙ୍କ ସହିତ ବିଜୟୱାଡାରୁ ସାଲିମାର ଯାତ୍ରା କରୁଥିଲେ ବୋଲି ଜଣାପଡିଛି। ତ୍ୱରିତ ପଦକ୍ଷେପ ଶିଶୁପୁତ୍ରଟି ସୁସ୍ଥ ଓ ସୁରକ୍ଷିତ ଭାବେ ଜନ୍ମ ହୋଇଥିବାରୁ ଦମ୍ପତ୍ତି ଆରପିଏଫର ସମସ୍ତ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।



## ଚିତ୍ରକଳା ମାଧ୍ୟମରେ ପରିବେଶ ସଚେତନତା

କଟକ,୭ ।୬(ସମିସ)

ବିଶ୍ୱ ପରିବେଶ ଦିବସ ଅବସରରେ ରୋଟାରୀ କ୍ଲବ ଅଫ୍ କଟକ, ରୋଟ୍ରାକ୍ଟ କ୍ଲବ ଅଫ୍ ବିରୂପା, ବିଜୟାନନ୍ଦ ଯୁବ ପରିଷଦ ଆନୁକୂଲ୍ୟରେ କସ୍ତୁରବା ଗାନ୍ଧୀ ଶିଶୁ ସଦନ, ସତ୍ୟଭାମାପୁର ଠାରେ ପରିବେଶ ସଚେତନତା ଶୀର୍ଷକ ଚିତ୍ରକଳା ଶିବିର ଅନୁଷ୍ଠିତ ହୋଇଯାଇଛି। କସ୍ତୁରବା ଗାନ୍ଧୀ ଶିଶୁ ସଦନର ଅନ୍ତେବାସୀଙ୍କ ମଧ୍ୟରେ ଅନୁଷ୍ଠିତ ଚିତ୍ରକଳା ଶିବିରକୁ ଜାତୀୟ ଯୁବ ପ୍ରକଳ୍ପ, ଓଡିଶାର ଆବାହକ ମଧୁସୂଦନ ଦାସ ଉଦଘାଟନ କରିଥିଲେ। କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକ ଟ୍ରଷ୍ଟର ପ୍ରତିନିଧି ସନ୍ଧ୍ୟାରାଣୀ ମଲ୍ଲିକ, ରୋଟାରୀଆନ୍ ବିଶ୍ୱରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ଚିତ୍ରକଳା ଶିବିରକୁ ରୋଟ୍ରାକ୍ଟ କ୍ଲବ ଅଫ୍ ବିରୂପାର ସଭାପତି ପ୍ରଶାନ୍ତ ମହାନ୍ତି, ସଂଘମିତ୍ରା ରାଉତ, ସୀତାଂଶୁ ଶେଖର ଦାସ, ପ୍ରକାଶ ରାଉତ ଓ ସୁଶ୍ରୀ ଅରୂପା ପ୍ରମୁଖ ପରିଚାଳନା କରିଥିଲେ।




# ବିଦ୍ୟୁତ୍ ବିତରଣ ଅବ୍ୟବସ୍ଥା ନେଇ ବଢୁଛି ଅସନ୍ତୋଷ



କଟକ,୭ ।୬(ସମିସ)

▶▶ ବର୍ଷାଋତୁରେ ବିଜୁଳିକାଟ ଚିନ୍ତା

▶▶ ୮ ବର୍ଷ ଧରି ଚାଲିଛି ଭୂତଳ ବିଦ୍ୟୁତ କେବୁଲ ବିଛା କାର୍ଯ୍ୟ

କଟକ ସହରରେ ଦୀର୍ଘ ୮ବର୍ଷ ଧରି ଚାଲିଥିବା ଭୂତଳ ବିଦ୍ୟୁତ କେବୁଲ ବିଛା କାର୍ଯ୍ୟ ଶେଷ ହୋଇପାରୁନାହିଁ। ଏବେ ବର୍ଷା ଋତୁରେ ବିଜୁଳିକାଟ ଚିନ୍ତା ଘାରିଥିବା ବେଳେ ସବୁ ଅଞ୍ଚଳରେ ଭୂତଳ କେବୁଲ ବ୍ୟବସ୍ଥା ନଥିବାରୁ ସମସ୍ୟା ଉପୁଜୁଥିବା ଜଣାପଡିଛି। ଗୋଟିଏ ପଟରେ କେବଳ ହାତଗଣତି କିଛି ମୁଖ୍ୟ ରାସ୍ତାକୁ ବାଦ ଦେଲେ ଅନ୍ୟଠି ଏହି ବ୍ୟବସ୍ଥା ସମ୍ଭବପର ହୋଇନାହିଁ। ସାମାନ୍ୟ ବର୍ଷା ପବନ ହେଲେ ସହରରେ ଅଧିକାଂଶ ସମୟ ବିଜୁଳି ସେବା ବ୍ୟାହତ ହେଉଛି। ନିକଟରେ ହୋଇଥିବା କାଳବୈଶାଖୀ ବର୍ଷାରେ କଟକ ସହରର ଅଧିକାଂଶ ଅଞ୍ଚଳରେ ୪ରୁ ୫ଘଣ୍ଟା ଧରି ବିଜୁଳି କାଟ ହୋଇଥିଲା। ଭୂତଳ ବିଜୁଳି କେବୁଲିଂ ବ୍ୟବସ୍ଥା ନଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିଲା। ସବୁ ଅଞ୍ଚଳକୁ ମାଟି ତଳେ କେବୁଲ ଦ୍ୱାରା ବିଜୁଳି ଯୋଗାଣ ସମ୍ଭବ ହୋଇପାରିନି। ବାଦାମବାଡି-ମଧୁପାଟଣା, ବାଦାମବାଡି-ଦୋଳମୁଣ୍ଡାଇ-ବଜ୍ରକବାଟୀ ରୋଡ, ରାଣୀହାଟ-ମଙ୍ଗଳାବାଗ, କଲେଜଛକ, କ୍ୟାଣ୍ଟନମେଣ୍ଟ ରୋଡ, ସମ୍ରାଟ ସିନେମା ହଲ-ପ୍ରେସଛକ ଆଦି ମୁଖ୍ୟ ରାସ୍ତାଗୁଡ଼ିକରେ ଭୂତଳ ବିଜୁଳି ଲାଇନ ବିଛା ହୋଇଛି। ଏହି ସବୁ ଅଞ୍ଚଳ ଦେଇ ଯାଉଥିବା ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଘରୋଇ ଉପଭୋକ୍ତା ଓ ଷ୍ଟ୍ରିଟଲାଇଟଗୁଡିକୁ ଭୂତଳ ବିଜୁଳି ସଂଯୋଗ ପ୍ରଦାନ କରାଯାଉଛି। ରାସ୍ତା ପାର୍ଶ୍ୱର ପ୍ରାୟ ୧୦୦ଟି ସ୍ଥାନରେ ଏଥିପାଇଁ ଫିଡର ବକ୍ସଗୁଡିକ ନିର୍ମାଣ କରାଯାଇଛି। ଯେଉଁଠାରୁ ୩୩କେଭି ଲାଇନରୁ ଏଲଟି ଲାଇନକୁ ସଂଯୋଗ ଦିଆଯାଉଛି; କିନ୍ତୁ ସମ୍ପୂର୍ଣ୍ଣ ପ୍ରକଳ୍ପ କେବେ ସରିବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ଫନୀ ବାତ୍ୟା ହେଉ ଅବା ଫାଇଲିନ ଅବା ଅନ୍ୟ ଛୋଟ ଧରଣର ଝଡବାତ୍ୟାରେ କଟକ ସହର ୫ରୁ ୧୦ଦିନ ପର୍ଯ୍ୟନ୍ତ ଅନ୍ଧାରରେ ରହିଥିବାର ନଜିର ରହିଛି। ପ୍ରକାଶ ଥାଉ କି, ୨୦୧୬-୧୭ ମସିହାରେ କଟକରେ ଭୂତଳ ବିଜୁଳି କେବୁଲ ବିଛା ଯାଇ ସଂଯୋଗ ଦେବା ପାଇଁ ପ୍ରକଳ୍ପ ଘୋଷଣା ହୋଇଥିଲା। ପ୍ରାୟ ୧୪୨ କୋଟି ଟଙ୍କାର ଏହି ପ୍ରକଳ୍ପ କାମ ଆରମ୍ଭ ହୋଇଥିଲା।

## କନ୍ଦରପୁରରେ ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ

### ହନ୍ତସନ୍ତ ହେଉଛନ୍ତି ହିତାଧିକାରୀ

**କଟକ,୭।୬(ସମିସ):** କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ଅଞ୍ଚଳରେ ବିଦ୍ୟୁତ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ଗତ ଦୁଇ ଦିନ ହେବ ଏହି ଅଞ୍ଚଳରେ ଘନଘନ ବିଦ୍ୟୁତ କାଟକୁ ନେଇ ଜନଅସନ୍ତୋଷ ଦେଖାଦେଇଛି। କନ୍ଦରପୁର ବିଦ୍ୟୁତ୍ ସେକ୍ସନରୁ କିଶନନଗର ଓ ଜଗତସିଂହପୁର ଜିଲ୍ଲାର ବିରିଡ଼ିକୁ ବିତରଣ କରାଯାଏ। ଯଦି କନ୍ଦରପୁର ସେକ୍ସନ ଖରାପ ହୁଏ ତାହାଲେ ଉଭୟ ସ୍ଥାନରେ ମଧ୍ୟ ବିଦ୍ୟୁତ ବିଭ୍ରାଟ ଦେଖାଦେଇଥାଏ। ଏବେ କନ୍ଦରପୁର ଅଞ୍ଚଳରେ ବହୁ ବିଦ୍ୟୁତ ବିଭ୍ରାଟ ଦେଖାଦେଉଛି କିନ୍ତୁ ବିଡମ୍ବନାର ବିଷୟ ଯୋଗାଯୋଗ କରିବା ପାଇଁ କୌଣସି ଟେଲିଫୋନ ସେବା ନାହିଁ। କନ୍ଦରପୁର ବିଦ୍ୟୁତ ସେକ୍ସନର କନିଷ୍ଠ ଯନ୍ତ୍ରୀଙ୍କ ଯେଉଁ ବିଭାଗୀୟ ମୋବାଇଲ ଫୋନ ମିଳିଛି ତାହା ସବୁ ସମୟରେ ବନ୍ଦ ରହୁଥିବାରୁ ଯୋଗାଯୋଗ ସମ୍ଭବପର ହେଉନାହିଁ। ହଠାତ ଯଦି କୌଣସି ଅଘଟଣ ଘଟିଲା ତା'ହେଲେ ଲୋକେ ହିଁ ହଇରାଣ ହେଉଛନ୍ତି। ଦୁଇ ଦିନ ପୂର୍ବେ କନ୍ଦରପୁର ଗ୍ରାମରେ ରାତ୍ରି ସମୟରେ ଏକ ବିଭ୍ରାଟ ଘଟି ନିଆଁ ଲାଗିଯାଇଥିଲା। ଯୋଗାଯୋଗ ସମ୍ଭବପର ନ ହେବାରୁ ଲୋକେ ରାତିରେ ଯାଇ ବିଦ୍ୟୁତ ସେକ୍ସନରେ କହିବା ପରେ ଲାଇନ କଟାଯାଇ ମରାମତି କରାଯାଇଥିଲା। ଏଣୁ ବିଦ୍ୟୁତ ବିତରଣ କରୁଥିବା ଟାଟା କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ଧ୍ୟାନ ଦେବା ସହିତ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇଦେବାକୁ ଏବଂ କନିଷ୍ଠ ଯନ୍ତ୍ରୀଙ୍କ ମୋବାଇଲ ଖୋଲା ରଖିବାକୁ କହିବା କିମ୍ବା ଟେଲିଫୋନ ସେବା ଉପଲବ୍ଧ କରାଇବାକୁ ସାଧାରଣରେ ଦାବି ହେଉଛି।

## ରାସ୍ତା ମଝିରେ ବିଜୁଳି ଖୁଣ୍ଟ

### ୬ ମାସ ହେଲା ହୋଇପାରୁନି ସ୍ଥାନାନ୍ତର

**କଟକ,୭।୬(ସମିସ):** କଟକ ନୂଆବଜାର-ବିରିବାଟୀ ତାଳଦଣ୍ଡା କେନାଲ ରାସ୍ତାର ବହୁ ସ୍ଥାନରୁ ଏପର୍ଯ୍ୟନ୍ତ ବିଦ୍ୟୁତ ଖୁଣ୍ଟ ସ୍ଥାନାନ୍ତର କରାଯାଇ ନପାରିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରାୟ ୪୦କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣାଧିନ ଏହି ରାସ୍ତା ପ୍ରାୟତଃ ଶେଷ ହୋଇ ଆସୁଥିବା ବେଳେ ଦୀର୍ଘ ୬ ମାସ ଧରି ରାସ୍ତା ମଝିରେ ଥିବା ବିଜୁଳି ଖୁଣ୍ଟକୁ ସ୍ଥାନାନ୍ତର କରାଯାଇପାରିନାହିଁ। ଏପରିକି ବିଜୁଳି ଖୁଣ୍ଟ ସ୍ଥାନାନ୍ତର ଗ୍ରୀଷ୍ମ ପ୍ରବାହ ପାଇଁ ବିଳମ୍ବ ହୋଇଥିବା କୁହାଯାଇଥିଲା। ବିଜୁଳି ଖୁଣ୍ଟ ଥିବା ସ୍ଥାନରେ ଷ୍ଟ୍ରିଟଲାଇଟ ନଥିବାରୁ ରାତିରେ ଲୋକେ ଦୁର୍ଘଟଣାର ଶିକାର ହେଉଥିବା ଜଣାପଡିଛି। ବିଭାଗୀୟ ଅଧିକାରୀଙ୍କ କହିବାନୁସାରେ, ରାସ୍ତା ନିର୍ମାଣ ସରିଆସୁଥିବା ବେଳେ ରାସ୍ତା ମଝିରେ ଥିବା ବିଜୁଳି ଖୁଣ୍ଟକୁ ଖୁବଶୀଘ୍ର ସ୍ଥାନାନ୍ତର କରାଯିବ।



## ନବନିର୍ବାଚିତ ସାଂସଦ ଓ ବିଧାୟକଙ୍କୁ ସିଏମସି ପକ୍ଷରୁ ସ୍ୱାଗତ

**କଟକ,୭।୬(ସମିସ):** କଟକ ମହାନଗର ନିଗମର କାଉନସିଲ୍ ବୈଠକ ଗତ ଗୁରୁବାର ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ସଭାପତି ଏବଂ ସମସ୍ତ କର୍ପୋରେଟରଙ୍କ ସର୍ବସମ୍ମତିକ୍ରମେ ନବନିର୍ବାଚିତ ସାଂସଦ ଏବଂ ବିଧାୟକଙ୍କୁ ସ୍ୱାଗତ କରାଯାଇଛି। ମେୟର ବିଜୟୀ ଦଳର କର୍ପୋରେଟରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ମୌସୁମୀ ବର୍ଷାର ଆଗମନକୁ ଧ୍ୟାନରେ ରଖି କଟକର ସମସ୍ତ ନଳା ଓ ନର୍ଦ୍ଦମାର ସଫା କାର୍ଯ୍ୟ ତ୍ୱରାନିତ କରିବା ପାଇଁ ଆଲୋଚନା କରାଯାଇଥିଲା। ମେୟର କହିଛନ୍ତି କି ଏପ୍ରିଲ୍ ମାସରୁ ନାଳନର୍ଦ୍ଦମା ସଫା ହେବା ସହ ଅଳିଆ ଆବର୍ଜନାଗୁଡ଼ିକ ସବୁ ଦିନ ସଫା କରାଯାଉଛି ଏବଂ ସହରରୁ ବର୍ଷାଜଳ ନିଷ୍କାସନ ପାଇଁ ୨୫୦ଟି ପାଣି ପମ୍ପ ନିୟୋଜିତ କରାଯାଇଛି। ବୈଠକର ଶେଷରେ ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ ଧନ୍ୟବାଦ ଦେଇଥିଲେ।

## ପିକ୍‌ଅପ୍ ଧକ୍କାରେ ଯୁବକ ଗୁରୁତର

**ଟାଙ୍ଗୀ,୭ ।୬(ସମିସ):** କଟକ ଜିଲ୍ଲା ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ କଏରାପାରୀ ନିକଟରେ ଏକ ପିକଅପ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସୂଚନାଯୋଗ୍ୟ, ଭଟିମୁଣ୍ଡା ଗ୍ରାମର ବିଶ୍ୱଜିତ ସାହୁ ତାଙ୍କ ସାଙ୍ଗ ବିକାଶ ସାହୁ ଦୁଇଜଣ କଏରାପାରୀ ନିକଟ ରାଜପଥ କଡ଼ରେ ଥିବା ଏକ ଦୋକାନରେ କିଣାକିଣି କରୁଥିବା ସମୟରେ ଚଣ୍ଡିଖୋଲ ପଟୁ ଦ୍ରୁତ ଗତିରେ ଆସୁଥିବା ଓଡି.୦୫.ଏର୍‌୨୩୭୬ ପିକଅପ ଦୋକାନ ଭିତରକୁ ମାଡ଼ିଯିବା ସହ ବିଶ୍ୱଜିତକୁ ଧକ୍କା ଦେଇଥିଲା ସୌଭାଗ୍ୟବଶତଃ ଦୋକାନର ଅଳ୍ପ କିଛି କ୍ଷତି ହୋଇଥିବା ବେଳେ ବିଶ୍ୱଜିତ ଗୁରୁତର ହୋଇଥିଲେ। ତାଙ୍କୁ ଟାଙ୍ଗୀସ୍ଥିତ ଘରୋଇ ମେଡିକାଲକୁ ନେଇଥିବା ବେଳେ ଅବସ୍ଥା ଗୁରୁତର ଥିବାରୁ କଟକ ପଠାଯାଇଥିଲା। ପୁଲିସ ଗାଡ଼ିଟିକୁ ଜବତକରି ଟାଙ୍ଗୀ ଥାନାକୁ ହସ୍ତାନ୍ତର କରିଛି।

## ବୋଲେରୋ ଧକ୍କାରେ ଯୁବକଙ୍କ ମୃତ୍ୟୁନେଇ ଉତ୍ତେଜନା

# ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ

ନିଶ୍ଚିନ୍ତକୋଇଲି, ୭।୬(ସମିସ)





କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ପି.ପି କଲେଜ ଓ ତେଲ ଟାଙ୍କି ମଧ୍ୟରେ ଏକ ବୋଲେରୋ ଧକ୍କାରେ ଜଣେ ଯୁବକର ମୃତ୍ୟୁ ହୋଇଛି। ଦୁର୍ଘଟଣା ଘଟାଇଥିବା ବୋଲେରୋକୁ ମନ୍ଦ ଉଦ୍ଦେଶ୍ୟରେ ନିଶ୍ଚିନ୍ତକୋଇଲି ଥାନା ପୁଲିସ

**● ନବନିର୍ବାଚିତ ବିଧାୟକଙ୍କ ପ୍ରତିଶ୍ରୁତି ପରେ ସ୍ଥିତି ସ୍ୱାଭାବିକ**

ଖସେଇ ଦେବାରୁ ଲୋକମାନଙ୍କ ମଧ୍ୟରେ ପ୍ରବଳ ଉତ୍ତେଜନା ଦେଖାଯାଇଥିଲା। ଏହାକୁ ପ୍ରତିବାଦ କରି ଶହ ଶହ ସଂଖ୍ୟାରେ ଲୋକେ ଥାନା ଘେରାଉ କରିବା ସହିତ କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାକୁ ଥାନା ଛକ ନିକଟରେ ଅବରୋଧ ମଧ କରିଥିଲେ। ଖବର ପାଇ ମାହାଙ୍ଗାର ନୂତନ ବିଧାୟକ ଶାରଦା ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିବା ସହିତ ମୃତ ଯୁବକର ପରିବାରକୁ ସହାୟତା ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। କଟିକଟା ପଞ୍ଚାୟତ ଆଏଣ୍ଡା ଗ୍ରାମର ତପନ କାଣ୍ଡି (୩୦) ତାଙ୍କର ଜଣେ ସାଙ୍ଗଙ୍କ ସହ ନିଶ୍ଚିନ୍ତକୋଇଲିରୁ ଘରକୁ ଫେରିବା ବାଟରେ କଲେଜ ଛକ ନିକଟରେ ବାଇକରୁ ପେଟ୍ରୋଲ ସରିଯାଇଥିଲା। ତାଙ୍କ ସାଙ୍ଗ ବାଇକକୁ ଧରିଥିବା ବେଳେ ତପନ ପଛରୁ ଠେଲି ଠେଲି ନେଇ ନିକଟସ୍ଥ ପେଟ୍ରୋଲ ଟାଙ୍କିକୁ ପେଟ୍ରୋଲ ପକାଇବା ପାଇଁ ଯାଉଥିଲେ। ହେଲେ ଟାଙ୍କିରେ ପହଞ୍ଚିବା ପୂର୍ବରୁ କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ଏକ ବୋଲେରୋ ତପନର ପଛପଟୁ ଧକ୍କା ଦେଇଥିଲା। ଫଳରେ ତପନ କିଛି ଦୂରରେ ଛିଟିକି ପଡ଼ିଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା ବେଳେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ତପନ ହାଇଦ୍ରାବାଦର ଏକ ହୋଟେଲରେ କାମ କରୁଥିଲା ବେଳେ ସାବିତ୍ରୀ ବ୍ରତ ପାଇଁ ସେ ଘରକୁ ଆସିଥିଲେ। ଗତ ୬ ମାସ ତଳେ ତାଙ୍କ ପିତା ବାବୁଲି କାଣ୍ଡିଙ୍କର ମୃତ୍ୟୁ ହୋଇଥିଲା ବେଳେ ଘରେ ତାଙ୍କର ଅନ୍ତଃସତ୍ୱା ବିଧବା ପତ୍ନୀ ଅଛନ୍ତି। ଯୁବକଙ୍କର ଏଭଳି ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲ ପଠାଇଛି।

## ଜୟପୁରରେ ବାରହା ଆତଙ୍କ

**କଟକ, ୭।୬(ସମିସ):** ବାରଙ୍ଗ ବ୍ଲକ ଅଧୀନସ୍ଥ ଜୟପୁର ଗ୍ରାମରେ କିଛି ମାସ ହେବ ଏକାଧିକ ବାରହା ଆତଙ୍କ ସୃଷ୍ଟି କରୁଥିବା ଦେଖିବାକୁ ମିଳିଛି। ସିଟି ଡିଭିଜନ ତରଫରୁ ଗ୍ରାମ ନିକଟ ନଦୀକୂଳ ଏବଂ ତାର ପାଖଆଖମାନଙ୍କରେ ଚାରାରୋପଣ କରାଯାଇ ଗଛ ମାନ ଲଗାଯାଇଥିଲା। ଏବେ ସେଗୁଡିକ ଘଞ୍ଚ ଜଙ୍ଗଲରେ ପରିଣତ ହେବା ପରେ ଏଠାରେ ବାରହା ଓ ବିଭିନ୍ନ ପ୍ରଜାତିର ଜଙ୍ଗଲଜନ୍ତୁ ବସବାସ କରୁଛନ୍ତି। ବର୍ତ୍ତମାନ ସେଠାରେ ବାରହାଙ୍କର ସଂଖ୍ୟା ଏକାଧିକ ହୋଇଯାଇଥିବାରୁ ସନ୍ଧ୍ୟା ହେଲେ ଗ୍ରାମମାନଙ୍କରେ ଆସି ବୁଲାବୁଲି କରୁଛନ୍ତି। ଫଳରେ ଏମାନଙ୍କ ଭୟରେ ଶିଶୁ, ମହିଳା ତଥା ଅନ୍ୟ ଲୋକମାନେ ଏବେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଏନେଇ ସିଟି ଫରେଷ୍ଟ ଡିଭିଜନ କାର୍ଯ୍ୟାଳୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

## ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

**କଟକ, ୭।୬(ସମିସ):** ଗତ ଗୁରୁବାର ଦିନ ବାରଙ୍ଗ -ବାଙ୍କୀ ମୁଖ୍ୟ ରାସ୍ତାର ଗୋଡିସାହି ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ସଂକଟାପନ୍ନ ଥିବା ବେଳେ ୩ ଜଣ ଆହତ ହୋଇଥିଲେ। ତେବେ ସ୍ଥାନୀୟ ଲୋକଙ୍କ ସହଯୋଗରେ ସମସ୍ତଙ୍କୁ କଟକ ମେଡିକାଲ ପଠାଇଥିଲେ। ସଂକଟାପନ୍ନ ଯୁବକ ଜଣକର ମୃତ୍ୟୁ ହୋଇଯାଇଥିବା ଡାକ୍ତର କହିଛନ୍ତି। ମୃତକ ଜଣକ ବାଙ୍କୀ ଗୟଲବାଙ୍କର ସୂର୍ଯ୍ୟମଣି ସୂତାର। ଏଠାରେ ସୂଚନାଯୋଗ୍ୟ ଗତ ଗୁରୁବାର ରାତି ସାଢେ ୮ଟାରେ ବାଙ୍କୀ ଗୟଲବାଙ୍କର ଦୁଇ ଜଣ ଯୁବକ ତ୍ରିଶୁଳିଆରୁ ବାଙ୍କୀ ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ବାଇକ ସହିତ ଗୋଡିସାହି ନିକଟରେ ଦୁର୍ଘଟଣା ଘଟିଥିଲା। ଏଥିରେ ଜଣେ ଗୁରୁତର ହୋଇଥିବା ବେଳେ ୩ ଜଣ ଆହତ ହୋଇଥିଲେ। ତେବେ ସେମାନଙ୍କୁ ସ୍ଥାନୀୟ ଅଞ୍ଚଳ ଲୋକମାନେ ଚିକିତ୍ସା ନିମନ୍ତେ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ।

## ବଜ୍ରାଘାତରେ ବୃଦ୍ଧଙ୍କ ମୃତ୍ୟୁ

**କଟକ, ୭।୬(ସମିସ):** ଜିଲ୍ଲାର ନରସିଂହପୁର ବ୍ଲକ ନାରାୟଣପାଟଣା ବ୍ଲକରେ ଶୁକ୍ରବାର ଏକ ଅଭାବନୀୟ ଘଟଣାକ୍ରମରେ ଜଣେ ପୂର୍ବତନ ଅବସରପ୍ରାପ୍ତ ପୋଷ୍ଟମାଷ୍ଟର ତ୍ରିଲୋଚନ ରାଉତଙ୍କ ମୃତ୍ୟୁ ଘଟିଛି। ତାଙ୍କ ଉପରେ ବଜ୍ରପାତ ହେବାରୁ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଏନେଇ ଉକ୍ତ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ବେଳେ ନବନିର୍ବାଚିତ ବିଧାୟକ ବିଜୟ ଦଳବେହେରା ମୃତକଙ୍କ ଘରକୁ ପହଞ୍ଚି ସମବେଦନା ଜ୍ଞାପନ କରିଥିବା ଜଣାପଡ଼ିଛି। ସେହିପରି ନରସିଂହପୁର ପଞ୍ଚାୟତ ସମିତି ଅଧକ୍ଷାଙ୍କ ଜଣେ ପ୍ରତିନିଧି ମଧ ପହଞ୍ଚି ଶୋକାକୁଳ ପରିବାର ବର୍ଗଙ୍କୁ ସାନ୍ତ୍ୱନା ପ୍ରଦାନ କରିଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ବଜ୍ରପାତ ହେବା ପରେ ଶ୍ରୀ ରାଉତ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ଡାକ୍ତରଖାନା ନିଆଯିବାରୁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ଶାରଦାଙ୍କୁ ସମ୍ବର୍ଦ୍ଧିତକଲେ ଜଳେଶ୍ୱରପୁରବାସୀ

**ମାହାଙ୍ଗା, ୭।୬(ସମିସ):** ଗତ ନିର୍ବାଚନରେ ବିଜୟ ଲାଭ କରିଥିବା ମାହାଙ୍ଗା ନିର୍ବାଚନମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀ ଶାରଦା ପ୍ରସାଦ ପ୍ରଧାନଙ୍କୁ ଆଜି ତାଙ୍କ ପୋଡାମରାଇ ସ୍ଥିତ ବାସଭବନରେ ଜଳେଶ୍ୱରପୁର ପଞ୍ଚାୟତବାସୀ ଓ ତାଙ୍କ ସହଯୋଗୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ପଞ୍ଚାୟତର ବହୁ କର୍ମୀ ଉପସ୍ଥିତ ରହି ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଶାରଦାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ଉମେଶ ଚନ୍ଦ୍ର ଭଞ୍ଜ, ହରେକୃଷ୍ଣ ସାହୁ, ବିନୋଦ ତ୍ରିପାଠୀ, ନିର୍ମଳ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସାମଲ, ଅଖିଳ ପ୍ରଧାନ, ବିଜୟ ପାଣୀ, କ୍ଷୀତିଷ ଲେଙ୍କା, ବ୍ରହ୍ମାନନ୍ଦ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ପରିବେଶ ଦିବସ ପାଳନ




ସାଲେପୁର, ୭।୬(ସମିସ): ବିଜ୍ଞାନ ପ୍ରଚାର ସମିତିର ସାଲେପୁର ଶାଖା ଓ ଇନରହ୍ୱିଲ କ୍ଲବ କଟକ ସେଣ୍ଟ୍ରାଲର ମିଳିତ ଆନୁକୂଲ୍ୟରେ ସାଲେପୁର ନିକଟସ୍ଥ ପିକୋଲ ସ୍ଥିତ ଜଗନ୍ନାଥ-ଗୋପୀନାଥ ଟ୍ରଷ୍ଟ ସଭାଗୃହରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମେଜର ଡଃ ମଞ୍ଜୁଶ୍ରୀ ପତି ସଭାପତିତ୍ୱ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କୁ ନେଇ ପ୍ଲାକାର୍ଡ ଓ ବ୍ୟାନର ସହ ପଥ ପରିକ୍ରମା ମାଧ୍ୟମରେ ପରିବେଶ ସୁରକ୍ଷା ବାର୍ତ୍ତା ପ୍ରଚାର କରାଯାଇଥିଲା। ଉପସଭାପତି ବିପିନ ବିହାରୀ କରଙ୍କ ଦ୍ୱାରା ପଞ୍ଚ ମହାଭୂତଙ୍କ ପୂଜାର୍ଚ୍ଚନା ସହ ସଭା ଉଦ୍‌ଘାଟିତ ହୋଇଥିଲା। ଇନରହ୍ୱିଲ କ୍ଲବର ସଭାପତି ବାଣୀ ନିର୍ମାଲ୍ୟ ଦାସ ଓ ଉପଦେଷ୍ଟା ପ୍ରମିଳା ଦାସଙ୍କ ସମେତ ଡ. ଉମେଶଚନ୍ଦ୍ର ପତି, ସୁକାନ୍ତ ମହାନ୍ତି, ଶାରଦା ପ୍ରସାଦ ରଥ, ନିଗମାନନ୍ଦ କର, ପ୍ରତାପ ଚନ୍ଦ୍ର ଜେନା, ଦିବାକର ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ଡ. ମହେଶଚନ୍ଦ୍ର କର ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଔଷଧୀୟ ଚାରାରୋପଣ କରାଯାଇଥିଲା।

## ଦୁର୍ଘଟଣାରେ ଆଶାକର୍ମୀଙ୍କ ମୃତ୍ୟୁ



**ନିଆଳି, ୭।୬(ସମିସ):** ନିଆଳି ଥାନା ଅଧିନସ୍ଥ ପୋଖରୀଗାଁ ପଞ୍ଚାୟତର ଜନୈକ ଆଶାକର୍ମୀଙ୍କର ଫୁଲ ତୋଳିବାବେଳେ ଏକ ଟ୍ରାକ୍ଟର ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଜଣାଯାଇଛି। ମୃତ ଆଶାକର୍ମୀ ଅନୁସୟା ଜେନା (୫୫) ଶୁକ୍ରବାର ଭୋର ୪ଟା ସମୟରେ ରାସ୍ତା ପାର୍ଶ୍ୱରେ ଫୁଲ ତୋଳୁଥିବା ବେଳେ ସେହି ବାଟ ଦେଇ ଯାଉଥିବା ଏକ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଆହତ ଆଶାକର୍ମୀଙ୍କୁ ପ୍ରଥମେ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିବା ବେଳେ ଅବସ୍ଥା ଗୁରୁତର ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଚିକିତ୍ସା କରୁଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ଆଶା କର୍ମୀଙ୍କ ଦିଅର ସୂର୍ଯ୍ୟକାନ୍ତ ଜେନା ଘଟଣା ସଂକ୍ରାନ୍ତରେ ନିଆଳି ଥାନାରେ ଲିଖିତ ଅଭିଯୋଗ କରିବା ପରେ ନିଆଳି ଥାନାଧିକାରୀ ତପନ କୁମାର ରାଉତ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ କରାଇଥିବା ବେଳେ ମାମଲାର ତଦନ୍ତ ଚଳାଇଥିବା ଜଣାଯାଇଛି।

## ଚୋରି ଘଟଣାରେ ୩ କୋର୍ଟ ଚାଲାଣ

ନିଶ୍ଚିନ୍ତକୋଇଲି, ୭।୬(ସମିସ): କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ପାଳଦା ପଞ୍ଚାୟତରୁ ଗତ ଗୁରୁବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଚୋରି କରିଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଝିଲି ବେହେରା ନେମାଳ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ନେମାଳ ଆଇଆଇସି ସୁନିଲ କୁମାର ନାୟକ ୯୧/୨୦୨୪ରେ ଏକ ମାମଲା ରୁଜୁ କରି ୩ଜଣଙ୍କୁ କୋର୍ଟ ଚାଲାଣ କରିଛନ୍ତି। ଚୋରି ହେଉଥିବା ସମୟରେ ସ୍ଥାନୀୟ ଗ୍ରାମବାସୀ ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଏହି ୩ ଜଣଙ୍କ ଠାରୁ ଗୋଟେ ୫୩ଇଞ୍ଚ ଏଲଇଡି ଟିଭି, ଗୋଟେ କମ୍ପ୍ୟୁଟର ସିପିୟୁ ଏବଂ ଗୋଟିଏ ରୁମ୍ ଥିଏଟର ସାଉଣ୍ଡ ବକ୍ସ ଜବତ କରିଛି। ଗୁରୁବାର ବିଳମ୍ବିତ ରାତିରେ ପାଳଦା ସରପଞ୍ଚ ଚିନ୍ମୟୀ ବେହେରାଙ୍କ ସ୍ୱାମୀ ରମାକାନ୍ତ ବେହେରା (୪୪) ଏବଂ ତାଙ୍କର ଦୁଇ ସହଯୋଗୀ ରାମ କାଣ୍ଡି (୪୨), ସନ୍ତୋଷ ମଲିକ (୩୮) ପଞ୍ଚାୟତ କାର୍ଯ୍ୟାଳୟକୁ ଆସି କାର୍ଯ୍ୟାଳୟର ମୁଖ୍ୟ ଦ୍ୱାରର ତାଲା ଭାଙ୍ଗି ସଭାଗୃହରେ ଲାଗିଥିବା ଟିଭି, କମ୍ପ୍ୟୁଟର ଓ ସାଉଣ୍ଡ ବକ୍ସକୁ ଖୋଲି ନେଇ ଯାଉଥିଲେ। ଏହି ସମୟରେ ଜଣେ ଗ୍ରାମବାସୀ ଦେଖି ଚୋରି ହେଉଥିବା ସଂକ୍ରାନ୍ତରେ ଡ଼ାକ ଛାଡ଼ିବାରୁ ଗ୍ରାମର ଶହ ଶହ ଲୋକ ସେଠାରେ ଉପସ୍ଥିତ ହୋଇଯାଇଥିଲେ। ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କ ପାଖରୁ ଚୋରି ଜିନିଷ ଜବତ କରି ଏହି ୩ ଜଣଙ୍କୁ ଗିରଫ କରିଥିଲା। ପରବର୍ତ୍ତୀ ସମୟରେ ନିଶ୍ଚିନ୍ତକୋଇଲି ବିଡିଓ ବିରଞ୍ଚି ବେହେରାଙ୍କ ନିର୍ଦ୍ଦେଶକ୍ରମେ ପିଇଓ ଉକ୍ତ ଘଟଣାର ତଦନ୍ତ କରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଉକ୍ତ ୩ ଜଣଙ୍କ ଜାମିନ୍ ନାମଞ୍ଜୁର ହେବାରୁ ସାଲେପୁର ସବଜେଲକୁ ପଠାଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ।

## ନିଟ୍‌ରେ ସର୍ବଭାରତୀୟସ୍ତରରେ ୫୯୪ ର୍‍ୟାଙ୍କ



ନିଶ୍ଚିନ୍ତକୋଇଲି, ୭।୬(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଓରତି ଗ୍ରାମର ସାର୍ଥକ ମିଶ୍ର ମେଡ଼ିକାଲ (ନିଟ୍) ପରୀକ୍ଷାରେ ୭୨୦ରୁ ୭୧୦ ନମ୍ବର ରଖି ସର୍ବଭାରତୀୟସ୍ତରରେ ୫୯୪ ର୍‍ୟାଙ୍କରେ ରହି କୃତିତ୍ୱ ଲାଭ କରି ଏ ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି। ଏଥିପାଇଁ ସେ ଦିନକୁ ପାଠ ପଢ଼ାରେ ୧୦ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଦେଉଥିଲେ। ଡାକ୍ତର ହେବା ପରେ ଲୁଣା ଚିତ୍ରୋତ୍ପଳା ଦ୍ୱିପାଞ୍ଚଳର ଜନସାଧାରଣଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ତାଙ୍କର ମୁଖ୍ୟ ଲକ୍ଷ୍ୟ ରହିଛି ଏବଂ ତାଙ୍କର ଏହି ସଫଳତା ପାଇଁ ପିତା ପୂର୍ବତନ ସରପଞ୍ଚ ମିହିର ମିଶ୍ର ଓ ମାତା ପୂର୍ବତନ ସରପଞ୍ଚ ରେଣୁବାଳା ମିଶ୍ରଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଅବଦାନ ରହିଛି। ଏହାଛଡ଼ା ତାଙ୍କର ଶିକ୍ଷକଙ୍କୁ ସେ ବିଶେଷ ଶ୍ରେୟ ଦେଇଛନ୍ତି। ଜଣେ ପ୍ରତିଭାବାନ ଛାତ୍ର ଭାବେ ଏହି ବ୍ଲକ ଅଞ୍ଚଳକୁ ଗୌରବାନ୍ୱିତ କରିଥିବାରୁ ତାଙ୍କୁ ବିଭିନ୍ନ ମହଲରେ ସ୍ୱାଗତ ଶୁଭେଚ୍ଛା ଜ୍ଞାପନ କରାଯାଇ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି।

**■ ମାଳଶାସନ ନିର୍ବାଚନୀ ହିଂସା ଘଟଣା**

## ମୁଖ୍ୟ ଅଭିଯୁକ୍ତକୁ ଗିରଫ ଦାବିରେ ଧାରଣା ଓ ବିକ୍ଷୋଭ



**ସାଲେପୁର, ୭।୬(ସମିସ):** ସାଲେପୁର ବ୍ଲକ ଅନ୍ତର୍ଗତ ମାଳଶାସନ ପଞ୍ଚାୟତରେ ଭୋଟଗ୍ରହଣ କେନ୍ଦ୍ର ନିକଟରେ ଗତ ଏକ ତାରିଖ ଦିନ ପୂର୍ବତନ ସାଲେପୁର ବ୍ଲକ ଉପାଧ୍ୟକ୍ଷ ରମେଶ ଜେନାଙ୍କ ଇଙ୍ଗିତରେ ବିଜେପି ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟଙ୍କ ନିର୍ବାଚନ ଏଜେଣ୍ଟ ସଞ୍ଜୟ ରାଉତ ଓ ଅନ୍ୟ ଜଣେ ବିଜେପି କର୍ମୀକୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏନେଇ ବିଜେପି ପକ୍ଷରୁ ସାଲେପୁର ଥାନାରେ ଅଭିଯୋଗ ହୋଇଥିଲେ ହେ ଅଦ୍ୟାବଧି ଏହି ଘଟଣାର ମୁଖ୍ୟ ଅଭିଯୁକ୍ତକୁ ପୁଲିସ ଗିରଫ କରି ନ ଥିବାରୁ ଏହାର ପ୍ରତିବାଦରେ ଆଜି ବିଜେପି ନେତା ଅରିନ୍ଦମ ରାୟ, ହିମାଂଶୁ ମହାନ୍ତି ଓ ଯୁବନେତା ରଶ୍ମିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ବିଜେପି କର୍ମୀ ଏକ ଶୋଭାଯାତ୍ରାରେ ସାହେଶ୍ୱରୀ ମନ୍ଦିର ପରିସରରୁ ବାହାରି ସାଲେପୁର ବଜାର ପରିକ୍ରମା କରି ସାଲେପୁର ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ପୁଲିସ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କଲା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି ଆନ୍ଦୋଳନରେ କଟକ ଜିଲ୍ଲା ବିଜେପି ସଭାପତି ରାମନାରାୟଣ ମହାନ୍ତି, ସାଲେପୁର ମଣ୍ଡଳ ସଭାପତି ବିକ୍ରମ କେଶରୀ ବଳ, ହେମନ୍ତ ସାହୁ, ସତ୍ୟବାଦୀ ଚଇନୀ, ବରିଷ୍ଠ ନେତା କୁଞ୍ଜମୋହନ ସେଠୀ, ଲୁଲୁପ ବିଶ୍ୱାଳ, ଧ୍ରୁବଚରଣ ମହାନ୍ତି, ପୂର୍ଣ୍ଣିମା ବସ୍ତିଆ, ବିଜୟଲକ୍ଷ୍ମୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ଏହି ନିର୍ବାଚନୀ ହିଂସାକାଣ୍ଡ ଘଟଣାରେ ସାଲେପୁର ପୁଲିସ ଅଦ୍ୟାବଧି ୧୧ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାଯାଇଛି।

## ରାସ୍ତା ପାର୍ଶ୍ୱରେ ଖାଲ; ବଢୁଛି ଦୁର୍ଘଟଣା



**କଟକ, ୭।୬(ସମିସ):** ବାରଙ୍ଗ ଥାନା ସମ୍ମୁଖ ଦେଇ ଗୋଡ଼ିସାହିକୁ ସଂଯୋଗ କରୁଥିବା ଚଣ୍ଡିପ୍ରସାଦ ଗ୍ରାମଠାରେ ରାସ୍ତା କାମ ଅଧପାନ୍ତରିଆ ଯୋଗୁଁ ଲୋକମାନେ ଦୁର୍ଘଟଣାର ଶିକାର ହେଉଥିବା ଅଭିଯୋଗ ହେଉଛି। ଏହି ରାସ୍ତାଟି ପ୍ରଶସ୍ତୀକରଣ କରାଯିବା ସହ ରାସ୍ତା ଭୁଶୁଡି ନ ଯିବା ପାଇଁ ପାଚେରି ମଧ ନିର୍ମାଣ କରାଯାଇଛି। ମାତ୍ର ରାସ୍ତା ଏବଂ ପାଚେରି ମଧ୍ୟସ୍ଥଳରେ ଥିବା ଖାଲ ପାଇଁ ଦୁର୍ଘଟଣା ଘଟୁଛି। ଏମିତିକି ଦୈନନ୍ଦିନ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଉନ୍ନୟନ କାର୍ଯ୍ୟ

**● ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି**

ନିମନ୍ତେ ଠିକାଦାର ପାଚେରି ଏବଂ ରାସ୍ତା ମଧ୍ୟରେ ଥିବା ଖାଲରେ ବାଲି ନ ପକାଇ ଅଧପାନ୍ତରିଆ କରି ଚାଲିଯିବା ଫଳରେ ରାସ୍ତା ପାର୍ଶ୍ୱଟି ଖାଲ ହୋଇ ରହିବା ଯୋଗୁ ଦୁର୍ଘଟଣା ହେଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସାଇକଲ ଓ ମଟର ସାଇକଲ ଆରୋହୀ ସେହି ରାସ୍ତାରେ ଘରକୁ ଫେରିବାକୁ ସୁରକ୍ଷିତ ମଣୁନାହାନ୍ତି। ବିଶେଷ କରି ରାତ୍ରିବେଳା ଏହି ବାଟରେ ଯିବା ବିପଦପୂର୍ଣ୍ଣ ହୋଇଛି। ଜନସାଧାରଣ ହିତକୁ ଦୃଷ୍ଟିରେ ରଖି ରାସ୍ତା ପାର୍ଶ୍ୱରେ ବାଲି ପକାଇ ପାଚେରି ସହିତ ସମତୁଲ କରିବା ନିମନ୍ତେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବିକଳାନନ୍ଦ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର



**ଟାଙ୍ଗୀ, ୭।୬(ସମିସ):** ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁଁ ରକ୍ତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସାଲେପୁରସ୍ଥିତ ବିକଳାନନ୍ଦ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ତଥା କୋଟସାହି ପଞ୍ଚାୟତ ଟାଙ୍ଗୀସ୍ଥିତ ବାପୁଜୀ ଯୁବକ ସଂଘ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। କ୍ଲବର ମିଳିତ ସହଯୋଗରେ ଆୟୋଜିତ ଶିବିରରେ ଟ୍ରଷ୍ଟର ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରଶାନ୍ତ କୁମାର କର ପୌରୋହିତ୍ୟ କରିଥିଲେ। କ୍ଲବ ସଭାପତି ରବୀନ୍ଦ୍ର ନାଥ ଷଡ଼ଙ୍ଗୀ ଓ ସମ୍ପାଦକ ବାପୁପ୍ରିୟ ରଘୁପତି ରାମଙ୍କ ଅକୁଣ୍ଠ ସହଯୋଗ ଯୋଗୁଁ ପ୍ରତିକୂଳ ପାଗସତ୍ତ୍ୱେ ଆଖପାଖ ଅଞ୍ଚଳର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ରକ୍ତଦାତା ଶିବିରରେ ସାମିଲ ହୋଇଥିଲେ। ରୋହିତ ମହାନ୍ତି, ଲକ୍ଷ୍ମୀନାରାୟଣ ଦାଶ, ନାରାୟଣ ସ୍ୱାଇଁ, କମଳାକାନ୍ତ ମଲ୍ଲିକ, ବିନୋଦ ବେହେରା, ଶିବରାମ ଦାସ, ସୁବାସ ବେହେରା ଓ ଜଗବନ୍ଧୁ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ରଥଯାତ୍ରା ନିମନ୍ତେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି

ଆଠଗଡ଼, ୭।୬(ସମିସ)



ପବିତ୍ର ରଥଯାତ୍ରା ନିମନ୍ତେ ଆଜି ଉପଖଣ୍ଡ ପ୍ରଶାସନ ପକ୍ଷରୁ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ

**● ଶୃଙ୍ଖଳିତ ଏବଂ ବ୍ୟବସ୍ଥିତ ଢଙ୍ଗରେ ହେବ ରଥଯାତ୍ରା**

ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ରଥଯାତ୍ରାର ବିସ୍ତୃତ ବିବରଣୀ ପାଠ କରିଥିଲେ। ଚଳିତ ବର୍ଷ ରଥ ନିର୍ମାଣ କାର୍ଯ୍ୟ ଜୁନ୍ ୧୮ ରୁ ଆରମ୍ଭ ହୋଇ ଜୁଲାଇ ୪ରେ ଶେଷ ହେବ। ରଥ ନିର୍ମାଣ କାର୍ଯ୍ୟର ଅଗ୍ରଗତି ଓ କାରିଗରଙ୍କ ଦ୍ୱାରା ଏହାର ନିର୍ମାଣ ସମାପ୍ତି କାର୍ଯ୍ୟକୁ ତନଖି କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜୁନ ୨୨ରେ ଦେବସ୍ନାନ ପୂର୍ଣ୍ଣିମା, ଜୁଲାଇ ୭ରେ ନେତ୍ର ଉତ୍ସବ, ଜୁଲାଇ ୭ରେ ଶ୍ରୀଗୁଣ୍ଡିଚା ଯାତ୍ରା, ଜୁଲାଇ ୧୧ରେ ହେରା ପଞ୍ଚମୀ, ୧୫ରେ ବାହୁଡା ଯାତ୍ରା, ୧୭ରେ ସୁନା ବେଶ ଏବଂ ୧୯ରେ ନିଳାଦ୍ରୀ ବିଜେ ଅନୁଷ୍ଠିତ ହେବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ରଥଯାତ୍ରା ଉପଲକ୍ଷେ ବହୁ ଜନସମାଗମକୁ ଦୃଷ୍ଟିରେ ରଖି ପାନୀୟ ଜଳ, ପରିମଳ ବ୍ୟବସ୍ଥା, ରଥ ଖଳା ପରିଷ୍କାର ଓ ପରିଚ୍ଛନ୍ନ, ବିଦ୍ୟୁତ ସରବରାହ, ଆଶୁଚିକିତ୍ସା, ଯାନବାହାନ ନିୟନ୍ତ୍ରଣ, ଆଇନଶୃଙ୍ଖଳା, ସୂଚନା କେନ୍ଦ୍ର ଇତ୍ୟାଦି କିପରି ସୂଚାରୁ ରୂପେ ହୋଇପାରିବ ତାହା ଉପରେ ଉପଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ଚଳିତ ବର୍ଷ ରଥଯାତ୍ରାକୁ ଶୃଙ୍ଖଳିତ ଓ ବ୍ୟବସ୍ଥିତ ଢଙ୍ଗରେ କରିବା ପାଇଁ ରଥଯାତ୍ରା ସହ ସମ୍ପୃକ୍ତ ଅଧିକାରୀଙ୍କ ସହ ଉପଜିଲ୍ଲାପାଳ ଶ୍ରୀ ତରାଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରବୀନ୍ଦ୍ର କୁମାର ମଲ୍ଲିକ, ଉପଖଣ୍ଡ ଚିକିତ୍ସା ଅଧିକାରୀ ବିଜୟ ମିଶ୍ର, ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହା, ଆଠଗଡ଼ ଥାନା ଭାରପ୍ରାପ୍ତ ପୁଲିସ ଅଧିକାରୀ ଅନିରୁଦ୍ଧ ମୁଦୁଲି, ରାଜପୁରୋଧା ସୁଶାନ୍ତ କୁମାର ମିଶ୍ର, ସଂକୀର୍ତ୍ତନ ଅଧିକାରୀ ଅଜୟ କୁମାର ଦାସ, ଆଠଗଡ଼ ରଥଯାତ୍ରା ସହ ସମ୍ପୃକ୍ତ ସମସ୍ତ ଯନ୍ତ୍ରୀ, ଅଧିକାରୀ ଓ କର୍ମଚାରୀ, ଗଣମାଧ୍ୟମର ପ୍ରତିନିଧି, ଦେବୋତ୍ତର ବିଭାଗର ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିବା ବେଳେ ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ଧନ୍ୟବାଦ ଦେଇଥିଲେ।



## ଟ୍ରାଫିକ୍ ପୁଲିସର କଡ଼ା ଆଭିମୁଖ୍ୟ

# ଆରମ୍ଭ ହେଲା ନିୟମିତ ଯାଞ୍ଚ ପ୍ରକ୍ରିୟା











କଟକ,୭।୬(ସମିସ)

- ପ୍ରଥମ ଦିନରେ ୧୨ ଲାଇସେନ୍ସ ରଦ୍ଦ
- ୧୫ ଜଣଙ୍କଠାରୁ ଜରିମାନା ଆଦାୟ
- ନିୟମ ନ ମାନିଲେ ରଦ୍ଦ ହେଉଛି ଡିଏଲ୍
- ଆଦାୟ ହୋଇପାରୁନି ୮୦ପ୍ରତିଶତ ଇ-ଚାଲାଣ ଜରିମାନା

ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ସହରରେ ହେଉଥିବା ଗାଡି ଯାଞ୍ଚ ପ୍ରକ୍ରିୟାକୁ ବନ୍ଦ କରାଯାଇଥିବା ବେଳେ ଆଜିଠାରୁ ନିୟମିତ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ବାଦାମବାଡ଼ି, ମଧୁପାଟଣା, ପୁରୀଘାଟ, ବକ୍ସିବଜାର, କଲେଜଛକ, ମର୍କତନଗର, ମହାନଦୀ ବିହାର, ଓଏମ୍‌ପି ଓ ଷ୍ଟାଡିୟମ ଅଞ୍ଚଳରେ ଆଜି ଉଭୟ ଦୁଇ ଚକିଆ ଓ ଚାରି ଚକିଆ ଯାନାବାହାନ ଗୁଡ଼ିକ ଯାଞ୍ଚ କରାଯାଇଥିଲା। ପ୍ରଥମ ଦିନରେ ୧୨ଜଣ ଗାଡି ଚାଳକଙ୍କ ଲାଇସେନ୍ସ ରଦ୍ଦ କରାଯାଇଥିବା ବେଳେ ୧୫ଜଣଙ୍କ ଠାରୁ ୭ହଜାର ୫୦୦ଟଙ୍କା ଜରିମାନା ଆଦାୟ କରାଯାଇଛି। ତେବେ ଦିନରେ ଏହି ଯାଞ୍ଚ ପ୍ରକ୍ରିୟାକୁ କଡାକଡି କରାଯିବ ବୋଲି ଟ୍ରାଫିକ୍ ଏସିପି ସୁଶାନ୍ତ କୁମାର ସିଂ କହିଛନ୍ତି। ସେ ଏହି ନିୟମିତ ଯାଞ୍ଚ ସମ୍ପର୍କରେ କହିଛନ୍ତି ଯେ ଏଣିକି ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କରୁଥିବା ଗାଡି ଚାଳକଙ୍କ ପ୍ରତି ଟ୍ରାଫିକ୍ ପୁଲିସ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ସେମାନଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯିବା ସହିତ ଆବଶ୍ୟକସ୍ଥଳେ ମୋବାଇଲ୍ ଫୋନ୍‌କୁ ଜବତ କରାଯିବ ବୋଲି ଏସିପି ଶ୍ରୀ ସିଂ ସୂଚନା ଦେଇଛନ୍ତି।

ଟ୍ରାଫିକ୍ ପୁଲିସ ସୂତ୍ରରୁ ପ୍ରକାଶ ଯେ, ଗତ ୬ ମାସ ହେବ ଗାଡି ଯାଞ୍ଚ ସହିତ ଡ୍ରଙ୍କ୍ ଆଣ୍ଡ ଡ୍ରାଇଭ୍ ଅଭିଯାନ ଆରମ୍ଭ କରାଯାଇଥିଲା। ଏହି ମାସ ଗୁଡ଼ିକରେ ସମୁଦାୟ ୧୫୦ ମଦ୍ୟପ ଚାଳକ ଗିରଫ ହୋଇଥିଲେ। ପ୍ରତ୍ୟେକ ଦିନ ଏହି ଅଭିଯାନରେ ୩ଜଣ ଗିରଫ ହେଉଥିବା ବେଳେ ପ୍ରାୟ ୧୦ଜଣଙ୍କୁ ପୁଲିସ ନୋଟିସ୍ ଦେଇ ଗାଡି ସିଜ୍ କରିଥିଲା। ସହରରେ ଦିନକୁ ଦିନ ମଦ୍ୟପ ଚାଳକଙ୍କ ସଂଖ୍ୟା ବଢୁଥିବା ନଜରକୁ ଆସୁଛି। ଯାହାକି ଦୁର୍ଘଟଣାର ମୁଖ୍ୟ କାରଣ ହେବ ସହ ଧନ ଜୀବନ ହାନୀ ଘଟୁଛି। ଡିସିପି ପ୍ରକାଶ ଆର୍‌ଙ୍କ ନିର୍ଦ୍ଦେଶକ୍ରମେ ଏହି ବ୍ଲକିଂ, ଚେକିଂ ଓ ଡ୍ରଙ୍କ୍ ଆଣ୍ଡ ଡ୍ରାଇଭ୍ ପ୍ରତ୍ୟେକ ଦିନ କରାଯାଉଛି। ନିର୍ବାଚନ ସମୟରେ କମିଶନରେଟ୍ ପୁଲିସ ପକ୍ଷରୁ ଗାଡି ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ନିର୍ବାଚନୀ ଯାଞ୍ଚରେ ୩ହଜାର ୫୪୨ଜଣ ଗାଡି ଚାଳକ ଧରାପଡ଼ିଥିଲେ। ୪ହଜାରୁ ଅଧିକ ଗାଡି ଜବତ କରାଯାଇଥିଲା। ସମ୍ପୃକ୍ତ ଗାଡି ଚାଳକଙ୍କ ଉପରେ ଦେଢ଼ କୋଟି ଟଙ୍କାର ଜରିମାନା କରାଯାଇଛି। ୯୫ ପ୍ରତିଶତ ଗାଡି ବାଇକ୍ ବୋଲି ଜଣାପଡ଼ିଛି। ହେଲମେଟ୍ ଓ ଡ୍ରାଇଭିଂ ଲାଇସେନ୍ସ ନଥିବା, ଗାଡି କାଗଜପତ୍ରରେ ତ୍ରୁଟି ଓ ମଦ୍ୟପାନ କରି ଗାଡି ଚାଳନା ପାଇଁ ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା।

ଅନ୍ୟପଟେ ଇ-ଚାଲାଣରେ ଜରିମାନା ରାଶି ଦେଉନାହାଁନ୍ତି ଅମାନିଆ। କଟକରେ ଟ୍ରାଫିକ ନିୟମ ଉଲ୍ଲଙ୍ଘନ କରୁଥିବା ଅମାନିଆଙ୍କୁ ଜଗିବା ପାଇଁ ସିସିଟିଭି ଲଗାଯାଇଛି। ଏହି ସିସିଟିଭି ଫୁଟେଜ୍ ଅବା ଟ୍ରାଫିକ ପୁଲିସ ଦ୍ୱାରା ନିୟମ ଉଲ୍ଲଙ୍ଘନ କରୁଥିବା ଗାଡି ନମ୍ବର ଫଟୋ ଉଠାଇ ଇ-ଚାଲାଣ କଟାଯାଉଛି। ହେଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ଅମାନିଆ ଏହି ଇ-ଚାଲାଣ ତଥା ଜରିମାନା ରାଶି ପୈଠ କରୁନାହାଁନ୍ତି। ଏହି ମାମଲା କୋର୍ଟକୁ ଯାଉଥିଲେ ମଧ କିଛି ସୁଫଳ ମିଳୁନାହିଁ। କେବଳ କୋର୍ଟ ଉପରେ ଚାପ ବଢୁଛି। କୋର୍ଟ ଉଲ୍ଲଙ୍ଘନକାରୀଙ୍କୁ ହଜାର ହେବାକୁ ବାରମ୍ବାର ସମନ ପଠାଉଥିଲେ ମଧ କେହି ଏଥିପ୍ରତି ଖାତିର କରୁନାହାଁନ୍ତି। ଫଳରେ କୋର୍ଟ ଚାପଗ୍ରସ୍ତ ହେବା ସହ ଟ୍ରାଫିକ୍ ପୁଲିସ ପାଇଁ ଚିନ୍ତାର କାରଣ ପାଲଟିଛି। ଏଭଳି କିଛି ଅମାନିଆ ଅଛନ୍ତି, ଯେଉଁମାନେ ବାରମ୍ବାର ନିୟମ ଉଲ୍ଲଘନ କରୁଥିବାରୁ ତାଙ୍କର ଇ-ଚାଲଣ କଟୁଛି, ହେଲେ ସେମାନେ ଆଦୌ ଜରିମାନା ରାଶି ପୈଠ କରୁନାହାଁନ୍ତି। ଅପରାଧୀଙ୍କ ଉପରେ ନଜର ରଖିବା ଏବଂ ଟ୍ରାଫିକ ନିୟମ ଉଲ୍ଲଘନକାରୀଙ୍କୁ ଧରିବା ପାଇଁ କଟକରେ ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଯାଇଛି। ଯେଉଁମାନେ ଟ୍ରାଫିକ୍ ନିୟମ ଉଲ୍ଲଘନ କରୁଛନ୍ତି ସିସିଟିଭି ଫୁଟେଜ୍ ଆଧାରରେ ସେମାନଙ୍କ ପାଖକୁ ଇ-ଚାଲାଣ ଯାଉଛି। କିଛି ଅମାନିଆ ସିସିଟିଭି ଫୁଟେଜରେ ଧରା ନ ପଡିବା ପାଇଁ ଗାଡି ନମ୍ବର ମଧ୍ୟ ପରିବର୍ତ୍ତନ କରିଦେଉଛନ୍ତି। ଏଭଳି ସ୍ଥିତିରେ ଇ-ଚାଲାଣରେ ସଂସ୍କାର ଅଣାଯିବା ପାଇଁ ପୁଲିସ ଚେଷ୍ଟା କରୁଥିବା ବେଳେ ନିୟମତ ଯାଞ୍ଚ ପ୍ରକ୍ରିୟାକୁ କଡାକଡି କରିଥିବା ଜଣାପଡ଼ିଛି।

# ଫାର୍ମାସିଷ୍ଟଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**କଟକ,୭।୬(ସମିସ):** ଚାଉଳିଆଗଞ୍ଜ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଫାର୍ମାସିଷ୍ଟ ପ୍ରତାପ ରଞ୍ଜନ ବରାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଦିଆଯାଇଛି। ଶ୍ରୀ ବରାଳ ଗୋଷ୍ଠୀ କେନ୍ଦ୍ରରେ ୧୯୮୭ ମସିହାରୁ କାଯ୍ୟ କରିଆସୁଥିଲେ। ୩୮ବର୍ଷ କାର୍ଯ୍ୟକାଳରେ ସେ ଚାଉଳିଆଗଞ୍ଜ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବହୁ ଉନ୍ନୟନମୂଳକ କାଯ୍ୟରେ ସହଯୋଗ କରିଛନ୍ତି। ସମ୍ବର୍ଦ୍ଧନା ସଭାରେ ଅଧୀକ୍ଷକ ଡାକ୍ତର ପ୍ରଦୀପ କୁମାର ମଲ୍ଲିକ, ଡାକ୍ତର ସୌମ୍ୟ ବିଶ୍ୱାଳ, ଡାକ୍ତର ନିବେଦିତା ଦାସ, ଡାକ୍ତର ସୁଜାତା ସାମନ୍ତ, ବିଜୟିନୀ ପଣ୍ଡା, ତନ୍ମୟ ସ୍ୱାଇଁ, ମୁନମୁନ ଦାସ, ଅନସୂୟା, ପୁଷ୍ପଲତା ସେଠୀ, ଆରତୀ ସାହା, ଶଶିକାନ୍ତ ସାମଲଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଜେକେବିକେରେ ରାଜ୍ୟସ୍ତରୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ




**କଟକ,୭।୬(ସମିସ):** ଜେକେବିକେ ସରକାରୀ ମହାବିଦ୍ୟାଳୟରେ ରାଜ୍ୟସ୍ତରୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଓ ଚାରାରୋପଣ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ପ୍ରଫେସର ଡ. ଅନୁଜା ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଆୟୁର୍ବେଦ ସେବା ସଂସ୍ଥାର ଅଧକ୍ଷ ଡାକ୍ତର ଦୀନବନ୍ଧୁ ମହାରଣା ଯୋଗଦେଇ ସୁସ୍ଥ ପରିବେଶରେ ଏକ ସୁସ୍ଥ ଶରୀର ଓ ମନ ବାସ କରି ସୁସ୍ଥ ସମାଜ ଗଢ଼ି ଉଠିଥାଏ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ। ପ୍ରାଧାପକ ଡ.ଦୈତାରୀ ସାହୁ ଏବଂ ବନାରସ ଆୟୁର୍ବେଦ ମେଡ଼ିକାଲ କଲେଜର ସହକାରୀ ପ୍ରଫେସର ଡାକ୍ତର ଦିବ୍ୟଜ୍ୟୋତି ମହାରଣା ଯୋଗଦେଇ ସୁସ୍ଥ ପରିବେଶ କହିଲେ ପ୍ରକୃତି ସହିତ ସମତଳ ଓ ସମନ୍ୱୟ ରକ୍ଷା କରି ଗୋଟିଏ ସୁନ୍ଦର, ଶାନ୍ତ, ସାବଲୀଳ ଜୀବନଚର୍ଯ୍ୟାକୁ ବୁଝାଏ ବୋଲି କହିଥିଲେ। ପରିବେଶବିତ୍ ଡ. ଦେବବ୍ରତ ପୃଷ୍ଟି, ଅକ୍ଷୟ ସାହୁ, ବିଧୁଭୂଷଣ ଦାଶ, ବିଶ୍ୱରଞ୍ଜନ ମହାପାତ୍ର, ଗୁରୁପ୍ରସାଦ ମହାରଣା, ବିମଳ ମିଶ୍ର, ସନାତନ ବାରିକ, ପ୍ରଦ୍ୟୁମ୍ନ ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ଏନ୍‌ଭରମେଣ୍ଟ ୱେଲଫେୟାର କ୍ଲବ ପକ୍ଷରୁ ଚାରାରୋପଣ କରାଯାଇଥିଲା।

# ରୋଗୀଙ୍କ ଇସିଜି କରିବେ ୱାର୍ଡ ଆଟେଣ୍ଡାଣ୍ଟ!

କଟକ,୭।୬(ସମିସ)

ଇସିଜି ସେବା କିପରି ବ୍ୟାଘାତ ନ ଘଟିବ ସେ ଦିଗରେ ଏକାଧିକ ପଦକ୍ଷେପ ଗ୍ରହଣ କରୁଛନ୍ତି ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷ। ପ୍ରତ୍ୟେକ ରୋଗୀଙ୍କୁ ଗୁରୁତ୍ୱ ଦେଇ ନୂତନ ବ୍ୟବସ୍ଥା କରାଯାଉଛି। ଏହି ପରିପ୍ରେକ୍ଷୀରେ ୱାର୍ଡ ଆଟେଣ୍ଡାଣ୍ଟଙ୍କୁ ରୋଗୀଙ୍କ ଇସିଜି ପରୀକ୍ଷା କରାଇବା ନିମନ୍ତେ ସକ୍ଷମ କରାଯିବ। ଠିକା ଭିତ୍ତିରେ ନିଯୁକ୍ତି ପାଇଥିବା ୱାର୍ଡ ଆଟେଣ୍ଡାଣ୍ଟଙ୍କ ମଧ୍ୟରୁ କିଛି ଜଣଙ୍କୁ ବଛାଯାଇଛି। ଏମାନଙ୍କୁ ଖୁବଶୀଘ୍ର ଦୁଇଦିନିଆ ପ୍ରଶିକ୍ଷଣ ଦିଆଯିବ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି। ପ୍ରଶିକ୍ଷଣ ହାସଲ ପରେ ପ୍ରତ୍ୟେକ ୱାର୍ଡରେ ଦୁଇ ଜଣ ୱାର୍ଡ ଆଟେଣ୍ଡାଣ୍ଟ ରୋଗୀଙ୍କ ଇସିଜି କରିବା ପାଇଁ ନିୟୋଜିତ ହେବେ। ସିଫ୍ଟ ଅନୁସାରେ ଏମାନେ କାର୍ଯ୍ୟ କରିବେ।

ଅନ୍ୟପଟରେ ଏହି ପଦକ୍ଷେପକୁ ଅନେକାଂଶରେ ଗ୍ରହଣ କରାଯାଉ ନ ଥିବା ଜଣାପଡ଼ିଛି। ଇସିଜି ଟେକ୍ନିସିଆନଙ୍କ କାର୍ଯ୍ୟ ଆଗାମୀ ଦିନରେ ୱାର୍ଡ ଆଟେଣ୍ଡାଣ୍ଟ ସଠିକ ଭାବେ କରିପାରିବେ ତ? ଇସିଜି ଏକ ବର୍ଷିଆ ପାଠ୍ୟକ୍ରମ, ହେଲେ ମାତ୍ର ଦୁଇ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସେମାନେ ଦକ୍ଷତା ହାସଲ କରିପାରିବେ ତ? ଏଭଳି ଅନେକ ପ୍ରଶ୍ନ ସାମ୍ନାକୁ ଆସିଥିବା ବେଳେ ଆଗାମୀ ଦିନରେ ଯଦି ରୋଗୀ ସେବାରେ କୌଣସି ସମସ୍ୟା ଉପୁଜେ ତାହେଲେ କିଏ

## ବଛାବଛା ଆଟେଣ୍ଡାଣ୍ଟଙ୍କୁ ପ୍ରଶିକ୍ଷଣ ଦିଆଯିବ
## ପ୍ରତି ବିଭାଗରେ ଦୁଇ ଜଣଙ୍କୁ ମିଳିବ ଦାୟିତ୍ୱ



ଦାୟୀ ହେବ ତାହାକୁ ନେଇ ମଧ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି କିଛି ୱାର୍ଡ ଆଟେଣ୍ଡାଣ୍ଟ ମେଡିକାଲ କର୍ତ୍ତୃପକ୍ଷଙ୍କ ଏଭଳି ବ୍ୟବସ୍ଥାକୁ ପସନ୍ଦ କରୁନାହାନ୍ତି। ଏଭଳି ଦାୟିତ୍ୱ ଦିଆଯିବା ଦ୍ୱାରା ଅତିରିକ୍ତ କାମ ଚାପ ରହିବ ବୋଲି କହିଛନ୍ତି। ଏ ବାବଦରେ ଏସ୍‌ସିବି କର୍ତ୍ତୃପକ୍ଷଙ୍କ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

ଏସ୍‌ସିବି ମେଡିକାଲରେ ଇଲେକ୍ଟ୍ରୋକାର୍ଡିଓଗ୍ରାମ୍ ଅଥବା ଇସିଜି ସେବାକୁ କିଛି ଦିନ ପୂର୍ବେ ଯେଉଁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା, ସେଥିରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଉଦ୍ୟମ ଜାରି ରଖିଛନ୍ତି ମେଡିକାଲ କର୍ତ୍ତୃପକ୍ଷ। ଷ୍ଟାଫ ସଙ୍କଟ ଯୋଗୁଁ ରୋଗୀ ହଇରାଣରେ ପଡୁଥିଲେ। ନୂତନ ପଦକ୍ଷେପ ସ୍ୱରୂପ ଆଉଟସୋର୍ସିଂ ଭାବେ କାର୍ଯ୍ୟ କରୁଥିବା ଇସିଜି ଟେକ୍ନିସିଆନଙ୍କ ଦାୟିତ୍ୱ ବଣ୍ଟାଯାଇଥିଲା। ବିଭିନ୍ନ ୱାର୍ଡରେ ନିର୍ଦ୍ଧାରିତ ସମୟରେ ଏମାନେ କାର୍ଯ୍ୟ କରିବେ ବୋଲି କୁହାଯାଇଥିଲା। ମେଡିକାଲ କର୍ତ୍ତୃପକ୍ଷଙ୍କ ନୂତନ ଚିଠି ଅନୁସାରେ, ଇସିଜି ଟେକ୍ନିସିଆନ ୨୪ ଘଣ୍ଟିଆ କାର୍ଯ୍ୟ କରିବେ। ତିନୋଟି ସିଫ୍ଟରେ ଏମାନଙ୍କ ଦାୟିତ୍ୱ ବଣ୍ଟନ ହୋଇଥିଲା। ଏହାଛଡ଼ା ଭେଷଜ ବିଭାଗ ୱାର୍ଡ ପରିସରରୁ ଜଣେ ଇସିଜି ଟେକ୍ନିସିଆନ ଗିରଫ ହେବା ପରେ ମେଡିକାଲରେ ଅସନ୍ତୋଷ ଉପୁଜିଥିଲା। ପ୍ରଶାସନ ଓ ଡାକ୍ତରଙ୍କ ଭିତରେ ଏକ ପ୍ରକାର ତିକ୍ତତା ଦେଖା ଦେଇଥିଲା। ଜନୈକ ଡାକ୍ତରଙ୍କୁ କାରଣ ଦର୍ଶାଅ ନୋଟିସ୍‌କୁ ନେଇ ଡାକ୍ତର ଏବଂ ଡାକ୍ତରୀ ଛାତ୍ରଛାତ୍ରୀ ପ୍ରତିବାଦ କରିଥିଲେ। ଏହି ଘଟଣାର ସମାଧାନ କରିବାକୁ ଯାଇ ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷ ଏକ ଚିଠି ଲେଖି ଡିଏମଇଟିଙ୍କୁ ଏ ଘଟଣା ବାବଦରେ ସ୍ପଷ୍ଟ ସୂଚନା ଦେଇଥିଲେ। ଇସିଜି ସେବା ବ୍ୟାଘାତ ହେଉନଥିବା ବେଳେ ବ୍ୟବହାର ନ ହୋଇ ପାରି ୭ଟି ମେସିନ୍ ଅଚଳ ହୋଇ ପଡି ରହିଥିଲା ବୋଲି ମେଡିକାଲ କର୍ତ୍ତୃପକ୍ଷ ଜଣାଇଥିଲେ। ଏତଦବ୍ୟତୀତ ଡାକ୍ତରମାନେ ମଧ ରୋଗୀଙ୍କ ଇସିଜି କରିପାରିବେ ବୋଲି ମେଡିକାଲ କର୍ତ୍ତୃପକ୍ଷ ଚିଠି ମାଧ୍ୟମରେ ସ୍ପଷ୍ଟ କରିଥିଲେ। ଏସବୁ ସତ୍ତ୍ୱେ ଏବେ ୱାର୍ଡ ଆଟେଣ୍ଡାଣ୍ଟଙ୍କୁ ଇସିଜି କରିବା ଦାୟିତ୍ୱ ପ୍ରଦାନ କରିବାକୁ ମେଡିକାଲ କର୍ତ୍ତୃପକ୍ଷ ଯୋଜନା କରିଛନ୍ତି। ଏହା କେତେମାତ୍ରାରେ ସଫଳ ହେବ ତାହାକୁ ଅପେକ୍ଷା।

# ଶିଳ୍ପପତି ଅଜୟ କିଶୋର ଦାସଙ୍କ ପରଲୋକ



**କଟକ,୭।୬(ସମିସ):** ବିଶିଷ୍ଟ ଶିଳ୍ପପତି ଅଜୟ କିଶୋର ଦାସଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୦ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ ପ୍ରଶଂସକ, ବନ୍ଧୁ ପରିଜନ ଓ ମଧୁପାଟଣା ଅଞ୍ଚଳର ଶିଳ୍ପୋଦ୍ୟୋଗୀଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି। ଅଜୟ ବାବୁ ଓଡ଼ିଶାର ଶିଳ୍ପଜଗତରେ ଜଣେ ଅବିସ୍ମରଣୀୟ ସ୍ରଷ୍ଟା ଥିଲେ। ସେ ତାଙ୍କ ପରିବାର, ପ୍ରିୟଜନ, ଶୁଭେଚ୍ଛୁ ଓ ସହକର୍ମୀଙ୍କ ମାନସପଟରେ ଚିର ଦିନ ପାଇଁ ଅମର ହୋଇ ରହିବେ ବୋଲି ତାଙ୍କ ଶିଳ୍ପ ସଂସ୍ଥା ଆଇପିସିଏଲ୍ ଓ ଆଇଡିଡିର ବରିଷ୍ଠ ସଦସ୍ୟ ଚୈତନ୍ୟ ଖୁଣ୍ଟିଆ ଓ ରଶ୍ମିରଞ୍ଜନ ସ୍ୱାଇଁ ପ୍ରକାଶ କରିଛନ୍ତି।

# ମାନସଙ୍କ ନିଲମ୍ବନକୁ ଜିଲ୍ଲା କଂଗ୍ରେସର ବିରୋଧ



**କଟକ,୭।୬(ସମିସ):** କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ମାନସ ଚୌଧୁରୀଙ୍କୁ ୬ ବର୍ଷ ପାଇଁ ଦଳରୁ ନିଲମ୍ବନ କରାଯାଇଛି। ଦଳ ବିରୋଧୀ କାର୍ଯ୍ୟ କରିଥିବା ଦର୍ଶାଇ ତାଙ୍କ ବିରୋଧରେ ଏଭଳି କଡ଼ା ଆଭିମୁଖ୍ୟ ଗ୍ରହଣ ହୋଇଛି। ତେବେ ଏଭଳି ନିଷ୍ପତ୍ତିକୁ ଜିଲ୍ଲା କଂଗ୍ରେସ କମିଟିର ସଦସ୍ୟମାନେ ବିରୋଧ କରିଛନ୍ତି। ଜିଲ୍ଲା କଂଗ୍ରେସ ମୁଖ୍ୟ ମୁଖପାତ୍ର ଅଶୋକ ସ୍ୱାଇଁ ଏଭଳି କାର୍ଯ୍ୟାନୁଷ୍ଠାନର ଘୋର ନିନ୍ଦା କରିବା ସହ ଦଳକୁ ସାଧାରଣରେ ନିନ୍ଦିତ କରିବାକୁ ଏକ ପ୍ରକାର ଷଡ଼ଯନ୍ତ୍ର କରାଯାଇଛି ବୋଲି କହିଛନ୍ତି। ଚଳିତ ନିର୍ବାଚନରେ କଂଗ୍ରେସର ସମସ୍ତ ବରିଷ୍ଠ ନେତୃବୃନ୍ଦଙ୍କଠାରୁ ଶ୍ରୀ ଚୌଧୁରୀ ଦଳ ପାଇଁ ଅଧିକ ପ୍ରଚାର ପ୍ରସାର କାର୍ଯ୍ୟକ୍ରମ କରିଥିଲେ। ତାଙ୍କ ଲୋକପ୍ରିୟତାକୁ ଖସାଇବା ପାଇଁ ହୀନ ଚକ୍ରାନ୍ତ କରାଯାଉଥିବା ଶ୍ରୀ ସ୍ୱାଇଁ କହିଛନ୍ତି।

